ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

## ଚଳିତ ସଂସ୍କରଣରେ

| | |
|---|---|
| ୧ | ସଂପାଦକୀୟ |
| ୨ | ଆମ ଗାଁ ହାଲଚାଲ |
| ୬ | ସନ୍ଧ୍ୟାବତୀ |
| ୯ | ଆତଙ୍କବାଦୀ |
| ୧୪ | ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା |
| ୧୬ | କୁନି: ଅଭାଗିନୀ ଝିଅଟିଏ |
| ୨୨ | ଅକାଳ ମୃତ୍ୟୁ |
| ୨୨ | ଆତ୍ମହତ୍ୟା |
| ୨୩ | କୁନା ବାପା ଫେରାର୍ |
| ୨୬ | ଶିକ୍ଷକତା ଆଉ କ୍ରିକେଟ୍ |
| ୨୭ | ରଜରେ ଓଡିଆ ସିନେମା |
| ୨୯ | ସାବିତ୍ରୀ ବ୍ରତ କଥା |

Help us to grow and be a partner in profit. If you are from Orissa, you can help us by promoting Aahwaan Web Studios in your Area and get us clients and we will pay you an affiliate fee for every completed work.
Visit Our Web Site for more details...
http://www.aahwaan.com/promo.html

Dr Mrs Preeti Priyadarshani Mohapatro,
CEO, MD, Aahwaan Infotech,
Beema Nagar, Ambapua Main Road,Berhampur-10
Phone: 0680-3296532 /09938517505/09861962160
e-Mail: aahwaan@aahwaan.com



## ସଂପାଦକୀୟ

ଆହ୍ୱାନ ଆପଣଙ୍କୁ ପୁଣିଥରେ ସ୍ୱାଗତ ଜଣାଉଛି, ପୁଣି ଏକ ନୂତନ ସଂସ୍କରଣ ସହିତ ଆପଣଙ୍କ ମନର ଲାଳସାକୁ ପୂରଣ କରିବା ପାଇଁ କିଛି ଗଳ୍ପ ଓ କବିତାର ସମ୍ଭାର ନେଇ ଉପସ୍ଥାପିତ ହେଉଛି, ତୃତୀୟ ବର୍ଷର ତୃତୀୟ ସଂସ୍କରଣ, ମଇ-ଜୁନ୍ ୨୦୦୮ ପାଇଁ ଆହ୍ୱାନ।

ଓଡିଶାରେ ପରିବର୍ତ୍ତନର ଧାରା ବଦଳିଯାଇଛି। ନକ୍ସଲ ହମଲାରେ ସାଧାରଣ ଜନତା ତ୍ରାହି ତ୍ରାହି କହୁଥିବା ବେଳେ ଉପକୂଳବର୍ତ୍ତୀ କେତେକ ଜିଲ୍ଲାରେ ହାତୀ ମାନଙ୍କ ଉପଦ୍ରବ ଜନ ସାଧାରଣଙ୍କୁ ଅତିଷ୍ଠ କରି ପକାଉଛି। ପୁଣିଥରେ ଓଡିଆ କ୍ରିକେଟ୍ ଜଗତରୁ ଜଣେ ଉଦୀୟମାନ ତାରକା ଭାରତୀୟ ଦଳରେ ସାମିଲ୍ ହେବାକୁ ଯୋଗ୍ୟତା ହାସିଲ କରିଥିବା ବେଳେ, ସେ କେତେ ଦିନ ତିଷ୍ଠି ରହୁଛନ୍ତି ତାହା କହିବା ସହଜରେ ଅନୁମେୟ ନାହିଁ। ଅତୀତରେ ଓଡିଶାରୁ ଭାରତୀୟ ଦଳରେ ଖେଳିଥିବା ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଆଜି କେଉଁଆଡେ ହଜି ଯାଇଛନ୍ତି। ଦେଖାଯାଉ ଓଡିଆ ଖେଳାଳି ଭାରତୀୟ ଖେଳ ସ୍କ୍ୱାର୍ଡରେ କି କମାଲ ଦେଖାଉଛନ୍ତି।

ଓଡିଆ ସିନେମା ଜଗତର ବିଖ୍ୟାତ ନିର୍ଦ୍ଦେଶକ ତଥା ଅଭିନେତା ହର ପଟ୍ଟନାୟକ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ହୋଇଥିବା ଖବର ସମଗ୍ର ରାଜ୍ୟକୁ ଚମକାଇ ଦେଇଥିଲା। ଚଳଚ୍ଚିତ୍ର ପରଦାରେ ନିଖୁଣ ଅଭିନୟ ସହିତ ନିର୍ଦ୍ଦେଶନା ଦେଉଥିବା ଏହି ମହାନ ବ୍ୟକ୍ତି ଜଣକ ରୋଗଗ୍ରସ୍ତ ସମୟରେ ଅର୍ଥାଭାବରେ ଘାଣ୍ଟି ହେଉଥିବା ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ଚଳଚ୍ଚିତ୍ର ତାରକା ମାନେ ସ୍ଥାନେ ସ୍ଥାନେ ବିଭିନ୍ନ ରଙ୍ଗାରଙ୍ଗ ସୋ କରିବାପାଇଁ ଆଗେଇ ଆସିବା ସାହାଯ୍ୟ ଓ ସହାନୁଭୂତିର ନିଦର୍ଶନ ହୋଇଥିଲେ ସୁଦ୍ଧା ଓଡିଆ ଚଳଚ୍ଚିତ୍ର ଜଗତଟେ କେତେ ରୁଗଣ୍ ଅବସ୍ଥାରେ ରହିଛି, ତାହା ସର୍ବଜନ ବିଦିତ ହୋଇଛି।

ଓଡିଶାରୁ ହିଁ ବିଶ୍ୱଦରବାରରେ ନାମ କମାଇଥିବା ବୁଢିଆ ସିଂର କର୍ତ୍ତା ବିରଞ୍ଚି ଦାସଙ୍କ ଜଘନ୍ୟ ହତ୍ୟାକାଣ୍ଡ ବର୍ତ୍ତମାନ ସୁଦ୍ଧା ପୋଲିସ ଫାଇଲ୍ ଭିତରେ। ଅବଶ୍ୟ ଏହାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାଜା ଆଚାର୍ଯ୍ୟ ପୋଲିସ ହାଜତରେ ରହିଛି, ତଥାପି ମଝିରେ ମଝିରେ ସେ ଜେଲ୍‌ରେ ଥାଇ ସୁଦ୍ଧା ଲେସଲି ତ୍ରିପାଠୀ, ବିଦୁସ୍ମିତା ଆଦି କଳାକାରଙ୍କୁ ଧମକ ଦେଉଥିବା ଖବର ଚାଞ୍ଚଲ୍ୟ ସୃଷ୍ଟି କରୁଛି। ଓଡିଶାର ଅନେକ ଜେଲ୍‌ରେ ଏହିପରି ଅନେକ ଅପରାଧୀ ବେରୋକ୍‌ଟୋକ୍ ନିଜ କଳାକାରବାର ଚଳାଇଥିବା ଖବର ପାଇବା ପରେ ବିଭିନ୍ନ ଜେଲ୍ ଉପରେ ଚଡଉ କରାଯାଇ ବିପୁଳ ପରିମାଣରେ ଅର୍ଥ, ମୋବାଇଲ୍ ଫୋନ୍, ସିଡି ପ୍ଲେୟାର, ବ୍ଲୁ ଫିଲ୍ମ ସିଡି, ନିଶା ଦ୍ରବ୍ୟ ଆଦି ଜବତ କରାଯାଇ ଏହାର ପ୍ରମାଣ ମିଳିଯାଇଛି, ଯେ ଜେଲ୍ ପରି ସୁରକ୍ଷିତ ସ୍ଥାନ ଆଉ କେଉଁଠି ନାହିଁ।

ଶୀତଳ ଷଷ୍ଠିର କୋହଲା ପାଗରେ ଶିବପାର୍ବତୀଙ୍କ ବିବାହୋବସରରେ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି, ଆହ୍ୱାନର ଏହି ନୂତନ ସଂସ୍କରଣ।

ଧନ୍ୟବାଦ

## ଆମ ଗାଁ ହାଲ୍‌ଚାଲ

ପୁଷ ମାସ ଆସିଲା। କୋଠ ଦୁଆରେ ବସି କରଣେ କହିଲେ, 'କଣରେ ଏ ବର୍ଷ ଜନ୍ତାଳ କରିବ ନା ନାହିଁ?' ଜନ୍ତାଳ (ଗାଁ ମାନଙ୍କରେ ସମୂହ ଗାଁ ଲୋକେ ଏକାଠି ହୋଇ ଗାଁ ଠାକୁରାଣୀ ପାଖରେ ଭୋଜି କରନ୍ତି। ଓଡିଶାର ସାଧାରଣତଃ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ପଲ୍ଲୀରେ ଏହାର ଖୁବ୍ ଚଳଣୀ) କଥା ଶୁଣି ଚାରେଣୀ କହିଲା, 'ଅଜା, ତେମେ ଥାଉ ଥାଉ ଜନ୍ତାଳ କିଏ ବନ୍ଦ କରିବ?' (ଗାଁ ମାନଙ୍କରେ କରଣ ଆଉ କାର୍ଜିଙ୍କୁ ଲୋକେ ଅଜା ଆଉ ମାମୁଁ ବୋଲି ବୟସ ଅନୁପାତରେ ସମ୍ବୋଧନ କରନ୍ତି)। କୋଠଘରେ ବସି ମୃଦଙ୍ଗ ସଫା କରୁଥିବା ଯୁଆନ୍ ଦଳ ବାହାରକୁ ଆସିଗଲେ। ଦଣ୍ଡୁ କହିଲା, 'ମାଷ୍ଟ୍ରେ ଯାହା କହିଲେ, କଥାଟା ବିଚାର କରାଯାଉ। ପୁଷ ଆସି ଚାରିରୋଜ ହେଲାଣି, ଏବେଠୁ ଯୋଗାଡ ଯନ୍ତ୍ର ନ କଲେ ପୁଷ ପୁନିଆକୁ ଜନ୍ତାଳଟା ହେବ ନା?' କାର୍ଜି ଚାଲି ଆସୁ ଆସୁ କହିଲେ, 'ଏ ଜନ୍ତାଳ କି ଜନ୍ତାଳ? ଆମ ଗୋସେଇଁ ବାପା କହୁଥିଲେ, ଜନ୍ତାଳ ତା'ଙ୍କ ସମୟରେ ହେଉଥିଲା। ପାହାନ୍ତି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ସକାଳୁ ଖନ୍ଦା ଜଳୁଥିଲା ଯେ ସୁର୍ଯ୍ୟ ବୁଡିଲା ବେଳକୁ ଖିଆ ହେଉଥିଲା। (ଖନ୍ଦା ମାନେ ଚୁଲି)। ଆଉ ଯୋଉ ବେସର ଅଇଁଠୁ ଅଜା ରାନ୍ଧୁଥିଲା, ତା' ବାସନା ସାତ ଆଠ ଖଣ୍ଡ ଗାଁରେ ବାସୁଥିଲା। ରାତି ଅଧାରୁ ଲୋକେ ଯାଇ ବାଲୁଗାଁରୁ ମାଛ ଚିଙ୍ଗୁଡି ଆଣୁଥିଲେ। ଅତି କମରେ ଦି'ଟା ବୋଦା ପଡୁଥିଲା। ଏବେ ସେ ସବୁ ଆଉ କାହିଁ।' କରଣେ ହସି ହସି କହିଲେ, 'ଭାଇନା, ତମେ ଗୋଟେ ବୋଦା ଦେଇ ଦିଅ, ଆଉ ଗୋଟେ ମହାନ୍ତି ଦେବ।' କାର୍ଜି ମୁହଁ ଆଂବିଲା କରିଦେଇ କହିଲେ, 'ମାନସିକ କଲେ ନିଷ୍ଚେ ଦେଇଥାନ୍ତି।' କରଣେ କହିଲେ, 'ଭାଇନା ପୁନେଇଁକୁ ଆସି ଦଶ ଦିନ ରହିଲା କ'ଣ କରାଯିବ ଟିକେ କୁହ।' କାଲି ସଞ୍ଜକୁ ମହନ୍ତଙ୍କୁ ବସେଇ ସବୁ କଥା ହେଲେ ଭଲ ହୁଅନ୍ତା, ବୋଲି କାର୍ଜିଏ ପ୍ରସ୍ତାବ ଦେଲେ। ସାଙ୍ଗେ ସାଙ୍ଗେ ଭାଲୁ ଭଣ୍ଡାରି ଗାଁ ଦାଣ୍ଡରେ ଧେଣ୍ଡୁରା ଦେଇ ଡାକ ପକାଇ ଦେଲା।

ମଠ ଅଗଣାରେ ସବୁ ଭିଡ ହେଲେଣି। ମହନ୍ତ ଗୋସେଇଁ ବସି ସମସ୍ତଙ୍କୁ ଦେଖୁଚନ୍ତି, ମୁରୁକି ମୁରୁକି ହସୁଚନ୍ତି, ଦେବ ପୁରୁଷ। ପୁରୀ ଜଗନ୍ନାଥଙ୍କ ପାଖରେ କୁଆଡେ ଆମ ଗାଁ ମହନ୍ତଙ୍କ ଖୁବ୍ କାଟତି। ଏକା ଏକା ବଡ ଦେଉଳ ଭିତରେ ଘଣ୍ଟାଏ ରହି ପୂଜା କରୁଚନ୍ତି, ବୋଲି ସବୁ କହନ୍ତି। କି ଦିବ୍ୟ ପୁରୁଷ! କି ଜ୍ଞାନି! ନଇଲେ ଏକା ଏକା ବଡ ଦେଉଳରେ ଜଗନ୍ନାଥ ଆଗରେ ଠିଆ ହେବା ସାହାସ କାହାର ଆଉ ଅଛି? କାନ୍ଧରେ ବାନ୍ଧିଚନ୍ତି, ଗୋଟେ ପଇତା ଭଳିଆ ଜିନିଷ ଯୋଉଥିରେ ଗୋଟେ ଛୋଟ ଝୁଲାମୁଣି, ଯା'ଭିତରେ ତୁଳସୀ ମାଳିଟେ ଧରି ନାମ ଜପି ଯାଉଚନ୍ତି। କେଡେ ଭକ୍ତି। କାର୍ଜି କରଣେ ପିଣ୍ଡା ତଳକୁ ବସିଚନ୍ତି। ଆଉ ଅଧା ଗାଁ ଅଗଣାରେ ବସିଚନ୍ତି। ଭାଲୁ ଭଣ୍ଡାରି ମହନ୍ତ ପଛରେ ବସି ବିଞ୍ଚଣାରେ ବିଞ୍ଚି ଦେଉଛି। ମଠ ଗୋସେଇଁ ଆସି ମହନ୍ତ କାନରେ ଗୁଣୁଗୁଣୁ ହେଇ କହିଲେ, ସଞ୍ଜ ଆରତୀ ବେଳ ହେଲାଣି। ମହନ୍ତେ ଉଠିଲେ। ଆଜି ମଠରେ ସଞ୍ଜ ଆଳତୀ ହେଲା, ସାରା ଗାଁର ମରଦ ଯେତେ ସବୁ ମଠ ଭିତରେ ଅଛନ୍ତି, ଧୂପକୁ କର୍ପୂର ଦେଇ ସମସ୍ତିଙ୍କୁ ଆଳତୀ କରିବାକୁ ଦେଇଦିଆଗଲା। କି ଦିବ୍ୟ ବାସନା। ଓହୋ, ଫୁଲବାଣୀରୁ ଆସିଥିଲା, ଝୁଣା ଦେଇ ଯେମିତି ଆଳତୀ କରାହେଇଛି, ମଠଟା ଖାଲି ଗମ୍ ଗମ୍ ବାସିଲା।

ସଞ୍ଜ ଆଳତୀ ସରିଲା, ମିଟିଂ ଆରମ୍ଭ ହେଲା। ମହନ୍ତେ ଗୋଟିଏ ପଦରେ କହିଲେ, 'କର'। ବାସ ତା'ପରେ କରଣେ ଖାତା ଖୋଲିଲେ, କହିଲେ ଗଲା ବର୍ଷ ଖର୍ଚ୍ଚ ହେଇଥିଲା ତିନି ହଜାର ସାତ ଶହ ଟଙ୍କା। ମୁଣ୍ଡ ପିଛା ପାଞ୍ଚ ଟଙ୍କା ଆଉ ଅଡାଟେ ଚାଉଳ ପଡିଥିଲା।(ଅଡା, ବୋଡା, ସୋଲା, ନଉତି, ଗଉଣି ଆଦିର ବ୍ୟବହାର ଏବେ ସୁଦ୍ଧା ଓଡିଶାର ପୁରପଲ୍ଲୀରେ ପ୍ରଚଳିତ ରହିଚି। ଅଡାଟିଏ କହିଲେ ଏକ କିଲୋ ସମାନ।) ଏ ବର୍ଷ ମଧ୍ୟ ସେୟା କରାଯିବ। ମାତ୍ର ପରିବା, ସରକ, ତେଲ ସବୁ ଖର୍ଚ୍ଚ ଆର ବର୍ଷ ଭଳିଆ ଗାଁ ଲୋକେ ଦେବେ। ସମସ୍ତେ ମୁଣ୍ଡ ହଲେଇ ହଁ ଭରିଲେ। ଗଲା ବର୍ଷ ଷୋଳ ଲିଟର

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

ତେଲ ସରିଥିଲା, ଏ ବର୍ଷ ବି ସେତିକି ହେବ, ମାତ୍ର ତେଲ ଦର ଦଶଟଙ୍କା ବଢିଚି, ତା'ସାଙ୍ଗକୁ ମସଲା ମସଲି, ତେଜପତ୍ର, ସରକ, ଅଳେଇଚ, ଇତ୍ୟାଦି ସବୁ ଜିନିଷ ଦର ବଢିଚି, ତେଣୁ ମୁଣ୍ଡ ପିଛା ଦଶଟଙ୍କା ଆଦାୟ୍ କରାଯିବ ବୋଲି ମହନ୍ତ ଆଜ୍ଞା କହିଚନ୍ତି। ଯଦି କାହାର କିଛି କହିବାର ଅଛି କୁହ। କେତେଜଣ ପଛରେ ବସି ଗୁଣୁଗୁଣୁ ହେଉଥିଲେ, କାର୍ଜିଏ କହିଲେ, 'ଯଦି ପଇସା ବଳକା ହଉଚି, ବୋଇଲେ ଆର ବର୍ଷକୁ ତାହା କାମରେ ଲାଗିବ। ମୁଁ ପୋଷ୍ଟଘରେ ଖାତାଟେ ଖୋଲି ରଖିଦେବି।' ସମସ୍ତେ ହଁ ଭରିଲେ। ସେଇଠୁ ମହନ୍ତେ କହିଲେ, 'ଏଥର ବୋଦା କିଏ ପକାଉଚ, କାହାର ମାନସିକ ଅଛି?' ମହାନ୍ତି ବୁଢା ଉଠୁ ଅଣ୍ଟାସରିକି ନଇଁ ମୁଣ୍ଡପୋତି କହିଲା, 'ଆଜ୍ଞା ମୁଁ କହିଥିଲି, ବୋଦାଟେ ଦେବି ବୋଲି ଯେ!' ଟିକେ ଅଟକି ଯାଉ ଯାଉ କରଣେ କହିଲେ, 'କହିଚ ଯେତେବେଳେ ଦେବ ଆଉ କ'ଣ?' ମହାନ୍ତି ବୁଢା ଇଚ୍ଛା ନଥିବା ଭଳି ହଁଟେ ମାରିଲା। ବାସ କାର୍ଜି ହସି ହସି କହିଲେ, 'ଆଉ କରଣ ଆଜ୍ଞା ସବୁ ବର୍ଷ ଭଳିଆ ଏ ବର୍ଷ ବି ପାଞ୍ଚକିଲୋ ଚିଙ୍ଗୁଡି ଦେବେ।' ସଭା ସରୁ ସରୁ ଚାରେଣୀ ଆଉ ଟୋକା ଟାକଳିଆ ଯେତେ ଥିଲେ ସବୁ ଦାୟିତ୍ୱ ପାଇଗଲେ, ଚାଉଳ ଗ୍ରହଣ କରିବା ପାଇଁ।

ସକାଳୁ ସକାଳୁ, ବାଉଁସ ଟୋକେଇ ଧରି ଘର ଘର ବୁଲି ଚାଉଳ ସଂଗ୍ରହ ଆରମ୍ଭ ହେଇଗଲା। ଅଖାଧରି ଚାରେଣୀ ଆଉ ତା' ଦଳ ଘରଘର ବୁଲି ମେମ୍ବର କେତେ ଦେଖି ଚାଉଳ ସଂଗ୍ରହରେ ଲାଗିପଡିଲେ। ସଞ୍ଜବେଳକୁ ମଠର କୋତ (ଚାଉଳ ରଖିବା ପାଇଁ ବ୍ୟବହାର ହେଉଥିବା ମାଟି ହାଣ୍ଡି ସଦୃଶ ପାତ୍ର) ଭରି ହେଇ ଅମାର ଘର ଭର୍ତ୍ତି ହେଲା। ସବୁ ବର୍ଷ ଏମିତି ଚାଉଳ ସଂଗ୍ରହ ହୁଏ, ଅଧାରୁ ଅଧିକ ଜନ୍ତାଳରେ ସରେ, ଆଉ ବାକି ସବୁ କୋଠରେ ମିଶେ। ଯାହା ବିକ୍ରୀହୁଏ ଆଉ ମିଳିଥିବା ପଇସା କୋଠରେ ରହେ। ଗାଁର ଉନ୍ନତି ପାଇଁ ବ୍ୟବହାର କରାଯାଏ। ଅଇଁଠୁ ଗୋସେଇଁ ଆସି କରଣଙ୍କୁ ଜିନିଷ ତାଲିକା ଦେଇଗଲେ। ହଳେ ଝଜିକନା, ଦି ଖଣ୍ଡ ଗାମୁଛା, ଦି'ଟା ନଡିଆ, ଦି ପ୍ୟାକେଟ୍ ଧୂପକାଠି, ଦିଆସିଲି ଡବା ଇତ୍ୟାଦି ଇତ୍ୟାଦି। କରଣେ କହିଲେ, 'କଣ ଅଇଁଠୁ ଏ ସବୁ ଦୁଇ ଦୁଇଟା କାହିଁକି ଲେଖିଚ, କ'ଣ ଗୋଟେ ଗୋଟେ ଘରକୁ ନବ ବୋଲି ନା କ'ଣ?' ବାସ୍ କରଣ ଜାଣନ୍ତି କେତେ କଣ ଦରକାର। ସବୁ ଜିନିଷ ଗାଁ ତେଲି ଦୋକାନରୁ ଆସିବ ବୋଲି କରଣେ କହି ଚିଠାଟା ପଠାଇ ଦେଲେ।

ପୁଷ ପୁନେଇ ଗଲା, ଆଜି ଗାଁ ଜନ୍ତାଳ। ଗାଁ ଟୋକାଏ ଠାକୁରାଣୀ ମୂଳେ (ଗାଁ ଠାକୁରାଣୀ ମନ୍ଦିର ପ୍ରାୟତଃ ଗାଁ ବାହାରେ ଥିବା କୌଣସି ବଡ ବରଗଛ ତଳେ ଥାଏ, ଆଉ ଗାଁ ଲୋକେ ମନ୍ଦିର ବୋଲି କହିବା ଅପେକ୍ଷା ଠାକୁରାଣୀ ମୂଳ କହିବାକୁ ବେଶୀ ପସନ୍ଦ କରନ୍ତି)। ଲାଇଟ୍ ଲଗେଇ ଦେଇଚନ୍ତି, ହୀନ ଗଉଡ ଆଣି ଦିଟା ମାଇକ୍ ଲଗେଇ ଦେଇଚି, ଯେ ଦି ମାଇଲ୍ ଦୂରରେ ଥିବା ଗାଁରେ ଭୀକାରିବଳ ଭଜନ ସବୁ ଟାଏଁ ଟାଏଁ ବରି ଶୁଭୁଚି। 'ଥକାମନ ଚାଲ ଯିବା, ଚକାନୟନ ଦେଖିବା' ବୋଲି ଭଜନ ଗୁଣୁଗୁଣୁ ହେଇ ରନ୍ଧାରେ ଲାଗିଥିବା

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଅଇଁଠୁ ଗୋସେଇଁଙ୍କୁ ସବୁ ଟୋକା ଥଟା କରନ୍ତି, 'ହଉ ଭାଇନା, ଥକା ପରେ ମାରିବ ଆଗ ଖନ୍ଦାରେ ହଣ୍ଡା ବସାଅ, ନଇଲେ କାଲି ଭୋଜି ଖାଇବାକୁ ଦେବ।'

ଅଇଁଠୁ ଗୋସେଇଁର ନିଶ୍ୱାସ ନେବାକୁ ବେଳ ନାହିଁ। ଦିଟା ଚୁଲିରେ ହଣ୍ଡା ବସିଚି। କରଣେ ଆସି ଦେଖି ଗଲେଣି କାର୍ଜି ଦି ଥର ଆସିଲେଣି। ମଠ ଗୋସେଇଁ ଖବର ଦେଲେଣି। ହଣ୍ଡାହାଣ୍ଡି ସବୁ ଚୁଲିରୁ ଓହ୍ଲିଲେ ଭାଲୁ ଭଣ୍ଡାରି ଗାଁରେ ଧେଣ୍ଟୁରା ପିଟିବ ବୋଲି ଜଗିଚି। ଗାଁ ଦାଣ୍ଡରେ ପିଲାଏ ତିରିକି ମାରି ଧାଁ ଧଉଡ କରୁଛନ୍ତି।

ସଞ୍ଜ ସାଡେ ପାଞ୍ଚ ହେଲାଣି, ଆକାଶଟା ଯାହା ନାଲି ପଡିଥିଲା, ଧିରେ ଧିରେ କଳା ହେବାକୁ ଆସିଲାଣି। ଗାଁ ଠାକୁରାଣୀ ମନ୍ଦିର ବରଗଛ ମୂଳରେ ବସି ବସି ଅଇଁଠୁ ଗୋସେଇଁ ଖାଲି ଆଦେଶ ଦେଉଛନ୍ତି, ଆଉ ଦି'ଜଣ ଗୋସେଇଁଏ ରୋଷେଇ ରେ ଲାଗିଚନ୍ତି। ଛ' ବାଜୁ ବାଜୁ ଅଇଁଠୁ ଗୋସେଇଁ ଖନ୍ଦା ମୂଳରୁ ବାହାରକୁ ଆସି ଭାଲୁକୁ କହିଲେ, 'ଯା' ଗାଁରେ ଧେଣ୍ଟୁରାଟା ଦେଇଦେ। ଖନ୍ଦା ବନ୍ଦ ହେଲାଣି, ଥାଳିତାଟିଆ, ଗିଲାସ ଧରି ଭାରିଆଇବେ।'

ଭାଲୁ ଭଣ୍ଡାରି ଗାଁ ଦାଣ୍ଡରେ ଧେଣ୍ଟୁରେ ଦେଇ କହୁଥିଲା, 'ଠାକୁରାଣୀ ମୂଳେ ଖନ୍ଦା ବନ୍ଦହେଲାଣି ହେ ଗାଁ ବାଲା, ଥାଳି ଗିନାଧରି ଡାଳଗିଲାସ ଧରି ଆସ।'

ପୁରା ଗାଁ ନିଛାଟିଆ ହେଇ ସବୁ ଲୋକ ଠାକୁରାଣୀ ମନ୍ଦିର ହତା ପାଖରେ ହାଜର ହେଲେଣି। ଗୋସେଇଁଏ କୁହା କଲେ, ପ୍ରଥମେ କାର୍ଜି କରଣେ ବସିବେ, ମହନ୍ତ ମହାରାଜଙ୍କ ପାଇଁ ପଙ୍ଗତ ମଠକୁ ଯିବ, ସେଥିରେ ଆମିଷ ଯିବନି, ଆଗ ମହନ୍ତ ଆଜ୍ଞାଙ୍କ ପାଇଁ ଅନ୍ନଭୋଗ ଆଉ କ୍ଷୀରି ପଠାଅ। ସବୁ କାମ ସରିଲା ପରେ ପୁରୋହିତେ ନିଧା କଲେ, ଥାଳିରେ ଭୋଗ ସଜାଡି ଠାକୁରାଣୀ ପାଖରେ ଦେଇ ପୂଜା କଲେ, ଆଉ ମୁହଁ ନ ଖୋଲି ଆସି ଠାକୁରାଣୀ ସାମନାରେ ଚୂପ୍‌ଚାପ ବସିଗଲେ। କରଣେ ଏଥର ଠାରିଲେ ସମସ୍ତଙ୍କୁ ଆଉ ଧାଡି ବାନ୍ଧି କରଣ, କାର୍ଜି ଆଉ ବ୍ରାହ୍ମଣ ପୁଞ୍ଜା ବସିଲେ। ବାହାରେ ଅପେକ୍ଷା କରିଥିବା ସୁକିଆର ପୁଅ ବାପାକୁ ଝିଙ୍କି ପକାଉଥିଲା। ସବୁ ସରିଯିବ। ଗାଁ ପୁରୋହିତେ ମଝିରେ ବସିଲେ, ଖଲିରେ ତା'ଙ୍କର ପାଣି ଛିଞ୍ଚିଦେଇ ଦିଟା ବଡ ଚଟୁ ଅନ୍ନ ଢାଳିଦେଇ ଡାଲି ଦିଆଗଲା, ତା'ପରେ ବେସର, ସେଥିରେ ପାଞ୍ଚକିଲୋ ଚିଙ୍ଗୁଡି ଆଉ ପାଞ୍ଚକିଲୋ ମାଂସ ପଡିଥିଲା। ସାଡେ ଦି ହଜାର ଲୋକ ମାତ୍ର ଗାଁରେ, ମହାନ୍ତିଏ ଠାକୁରାଣୀ ପାଖରେ ବୋଦା ଦେବେ ବୋଲି କହିଥିଲେ ଯେ ବଡ ଖାସି କିଣି ପାରିଲେ ନାହିଁ, ଆଉ ଯାହା କରଣେ ସବୁ ବରଷ ଭଳି ଏ ବର୍ଷ ବି ପାଞ୍ଚକିଲୋ ଚିଙ୍ଗୁଡି ଦେଇଥିଲେ। ସମସ୍ତଙ୍କୁ ଖଲି ଦେଇ ଖାଇବାକୁ ଦେଲା ବେଳକୁ ଗାଁ ପୁରୋହିତଙ୍କ ଖଲି ଖାଲି ହୋଇ ସାରିଥିଲା, ଅଗତ୍ୟା ଅଇଁଠୁ ଗୋସେଇଁ ଧାଇଁ ଯାଇ ଆଉ ଦି ଚଟୁ ଅନ୍ନ, ଡାଲି, ବେସର ସବୁ ବାଡି ଦେଲେ। ଚଟୁରେ ଥରକେ କେଜିଏ ଚାଉଳର ଭାତ ଯିବ। ଦେଖୁ ଦେଖୁ ପୁରୋହିତେ ସବୁ ଚଟାପଟ୍ କରିଦେଇ ଏକ ମୁହଁ ହେଇ ଉଠି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଚାଲିଲେ। କାର୍ଜି କରଣ ପିଲାମାନଙ୍କୁ ଧରି ବସିଥିଲେ। କରଣ ଘର ସାନପୁଅର ବେସରରେ ଗୋଟେ ଚିଙ୍ଗୁଡି ବାହାରିଲା, ତେଣୁ ସେ ସାଙ୍ଗେ ସାଙ୍ଗେ ଚିଲ୍ଲେଇ କି ସମସ୍ତଙ୍କୁ ଜଣାଇ ଦେବା ବୋଧହୁଏ ଉଚିତ ମନେକଲା। ଯାହା ନିୟମ, ଆଠ ହଣ୍ଡା ବେସରରେ ପାଞ୍ଚକିଲୋ ଚିଙ୍ଗୁଡି ପଡିଚି ଯେତେବେଳେ, କାହାକୁ ମିଳିବ ତାହାର ନିଶ୍ଚୟ ଭାଗ୍ୟ ଟାଣ।

କାର୍ଜି, କରଣ, ବ୍ରାହ୍ମଣ ପୁଞ୍ଜା ଖାଇ ସାରିବ ପରେ ଗାଁ ଲୋକେ ବସିଲେ। ଦଳ ପରେ ଦଳ ଏମିତି ଆଠ ଥର ବସିଲେ। ରସ ବାଲତିରେ ନଡିଆ ଷଡେଇରେ ତିଆରି ବେଲାରେ ବେସର ଖାଉ ଖାଉ, ସଞ୍ଜ ଯାଇ ରାତି ହେଲା। ଅନ୍ୟ ବରଷ ଭଳିଆ ଏ ବର୍ଷ ଚିନ୍ତା ନଥିଲା, କାରଣ ଠାକୁରାଣୀ ମୂଳେ ଲାଇଟ ଲାଗିଥିଲା। ଗୀତ ବାଜୁଥିଲା। ବାମୁଣକରଣ ଘରୁ ବଡ ଥାଳ ସବୁ ଆସିଲା, ମାଇପି ମାନଙ୍କ ପାଇଁ ଜନ୍ତାଳ ପଠା ହେଲା। ଜନ୍ତାଳ ସବୁ ସୁରୁଖୁରୁରେ ସରିଲା। ଅଇଁଠୁ ଗୋସେଇଁ ଖନ୍ଦା ପାଖରେ ବସି ଦେଖୁଥିଲା ଗାଁ ଲୋକ ସବୁ ତା'ବେସରର କେତେ ତାରିଫ୍ କରୁଚନ୍ତି। ସେ ନିଜ ଜୀବନକୁ ଧନ୍ୟ ମଣୁଥିଲା। ଗାଁରେ ପୁଣି ଗୋଟେ ବର୍ଷ ଜନ୍ତାଳ କିଛି ଚିନ୍ତା ନ ଥାଇ ସରିଥିଲା। କରଣେ ଖୁସିଥିଲେ, ଏ ବର୍ଷ କୋଠକୁ ଆଧିକ ଚାଉଳ ମିଳିଥିଲା।

512MB Web Space, 2GB Monthly Bandwidth, FTP, WebMail, CGI, PHP, PERL, MySQL, c-Panel, Free scripts, tools, templates, software and Gifts...
Host Your Site @ Rs 2.00 Per Day Only
www.odiaguru.com

# ସନ୍ଧ୍ୟାବତୀ

ମୁହଁରେ କାନୀଦେଇ ସୁକାନ୍ତି ନାନୀ ଖୁଁ ଖୁଁ କାଶି କାଶି ଘର ଭିତରେ ଧୂପ ଦେଉଥିଲା। ମାଟିର ରୂଖାରେ ନଡିଆ କତା, ଗୋବର ଘଷି ଆଉ ଝୁଣା। ସଞ୍ଜ ହେଉ ହେଉ ଏଇଟା ତା'ର ନିତିଦିନା କାମ। ନଇଲେ ମରକଖିଆ ମଶା ଗୁଡାକ କୁଆଡୁ ଆସିବେ ଯେ ପରିବାରଟା ଯାକୁ ଝୁଣିପକେଇବେ। ସାନ ଝିଅ ପୋଖତି ଥିଲା ବୋଲି ଆଇଲା ଯେ, ପିଲା କିସ ଜନ୍ମ କରିବ ମଶାକୁ ଡରି ଶାଶୁ ଘରକୁ ପଳାଇଲା। ଶାଶୁଘର ଯାହା କହିଲେ, 'ତୋ ବୋଉ ଉଶ୍ୱାସ ହେବ ବୋଲି ମଶା ଆଣି ଘରେ ପୋଷିଥିଲା'। କିଏ ବୁଝିବ ଦୁଃଖ। ଦିନେ କି ଓଳିଏ ଆସି ଘରେ ରହିଲେ ଜୋଇଁଆ ଜାଣିଥାନ୍ତେ ମଶା କେତେ ହଉଛନ୍ତି। ସେ ଯା'ହେଉ ଦୁଃଖ ସୁଖ କଥା ବୁଝୁ ବୁଝୁ ଧୂଆଁ ଦିଆ ସରିଲା। କରଣ ମାଷ୍ଟ୍ରେ ପିଲାବେଳେ ଇସ୍କୁଲ୍‌ରେ କହିଥିଲେ, ମଶା ଡାଆଁସକୁ ଧୂଆଁ ଦିଅ। ହେଲେ ଏ ମଶା ସେ ଯୁଗର ନାଇଁ ପରା, ଯେତେ ଧୂଆଁ ଦେଲେ ବି ଉଡାଜାହାଜ ଭଳିଆ ଉଡି ବୁଲୁଛନ୍ତି ସିନା ମରିବା ନାଁ ଧରୁନାହାନ୍ତି।

ସେ ବର୍ଷ ସୁକାନ୍ତି ନାନି ବାହା ହୋଇ ଆସିଥିଲା। ଆଗ ଘରୁ ଏ ଘରକୁ ଚାରି ପାଦର ବାଟ। ଜାତିରେ ବାହା ହେବାକୁ ପଡିବ ବୋଲି ସଂସାର ନ୍ୟାୟ, ଆଉ ଜାତିଟା ଯାହା ଏଇ ଚାରି ଖଣ୍ଡ ଗାଁରେ ରହିଚି। ସେହି ନ୍ୟାୟରେ ନିତି ଦେଖୁଥିବା ବଳିଆ ସହିତ ତା' ବାହାଘର ହେଇଥିଲା, କେତେ ପାଟପତନୀ ଦେଇ ତା'କୁ ଘରୁ ବିଦା କରାହେଇଥିଲା।

VISIT US ONLINE
www.aahwaan.com
We also Offer Web Development Services

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ବଳିଆର ନନା ନଥିଲେ। ବୋଉ ଅନ୍ଧୁଣୀଥିଲା ଯେ କେତେ ହଇରାଣ କରିଥିଲା। ଦି ଓଳି ରନ୍ଧାଶାଳରେ ମଶା କାମୁଡା ଖାଇ ଖାଇ ସାତ ବରଷ ସହିଲା ପରେ ଦିନେ ବୁଢୀ ମରିଗଲା। ସେତେବେଳକୁ ଅଣ୍ଟିରେ ତିନିଟା ପିଲା। ଦି ଦିଟା ଝିଅ, ଆଉ ଜମି ସାତ ଭରଣ ସବୁଥିଲା। ବଳିଆକୁ କେବେ ସେ ଦିନରେ ଦେଖିନି କହିଲେ ସତ। ଦିନରାତି ଖାଲି ଜମିହୁଡାରେ ବସିଲା, ଖରା କଣ ବର୍ଷା କଣ? ଝିଅ ଦି'ଟା ବଡ ହେଇଗଲେ କେମିତି ବିଦା କରିବି କରିବି ଚିନ୍ତାରେ ପାଗଳ ହେଇଗଲା। ଝିଅ ଦି'ଟା ସ୍କୁଲ୍ ପିଣ୍ଡା ମାଡୁ ମାଡୁ ବଳିଆ ନିଜ ପିଣ୍ଡାରେ ଅକର୍ମଣ୍ୟ ହୋଇ ବସିପଡିଲା।

ସୁକାନ୍ତି ନାନି ବୋଇଲା ପରିକା ଭାରୀ ପାରିବାର, ନହେଲେ ଦି ଦିଟା ଝିଅକୁ ବଡ କରିବା କଣ ସହଜ ପାଠ। ବେଳସୁ ଦି ଝିଅକୁ ବିଦା ବି କରିଦେଲା। ବାକି ରହିଲା ପୁଅ, ସେ ଆଉ କି ସ୍କୁଲ୍ ଯିବ। ବୋପା ଘରେ ଗୋଡବାନ୍ଧି ବସିଲା ଦିନରୁ ଜମିଜମା କଥା ବୁଝୁ ବୁଝୁ କେଜାଣି କେତେବେଳେ ସେ ବଡ ହୋଇଗଲା, ଜଣା ପଡିଲା ନାହିଁ। ଯା'ହେଉ ସୁକାନ୍ତି ନାନିର ଦୁଃଖ ଗଲା।

ରାତି ଅନ୍ଧାର ହେଲାଣି, ଚୁଲିରୁ ନିସ୍ତାର ନାହିଁ ବୋଲି ସୁକାନ୍ତି ନାନି ଖୁଁ ଖୁଁ କାଶି କାଶି ଘର ପିଣ୍ଡାକୁ ଆସି ହରିଆରେ କହି ଲମ୍ବା ଡାକଟେ ଦେଲା ଯେ କୋଠଘର ପିଣ୍ଡାରୁ ଥାଇ ହରିଆ କହିଲା, 'ଆସୁଚିଲୋ ବୋଉ'। ହରିଆ ଭଳିଆ ପିଲାଟେ ମିଳିବା କେତେ ଭାଗ୍ୟର କଥା ତାହା ସୁକାନ୍ତି ଛଡା ଆଉ କିଏ ବୁଝିବ। ବାପା ଅକର୍ମଣ୍ୟ ହେଲା ବେଳକୁ ଦଶ ବରଷର ପିଲାଟେ ଚାଷ କାମରେ ଲାଗିଯିବା କଣ ଏତେ ସହଜ। ହେଲେ ଚଷାଘର ପିଲା, କରିବ ବା ଆଉ କ'ଣ। ଜୁଆନ୍ ପିଲାଟେ ହେଲାଣି, ହେଲେ ତା'ନାଁରେ କିଏ ଦି ପଦ ଗାଁରେ କହିବା ସାହାସ ନାହିଁ। ହଁ କିଏ କିଏ କହିଲେଣି ହରିଆକୁ ବାହା କରିଦେ। 'ହେଲେ କନିଆଁ କାଇଁ? ଆମ ଗାଁ ଦାଣ୍ଡରେ ଯେତେ ସବୁ ଝିଅ ଯାଉଚେନ୍ତି ଆସୁଚେନ୍ତି, ସବୁ ତ କାଳୀ ଗେଡି, ମୋଟି।' ହସିଦେଇ କହେ ସୁକାନ୍ତି ନାନି।

ଆଜି ଭୋଅରୁ ଭାରୀ ଜୋରରେ ବର୍ଷା ଝଡି ଧରିଚି, ହରିଆ ନନା ପିଣ୍ଡାଟା କଡରେ ଜାକିଜୁକି ହେଇ ବସିଚି। କଚ୍ଛାପଟି ସବୁ ଓଦା ହେଲାଣି, ହେଲେ ଘରକୁ ଯିବାର ଯୁ ନାହିଁ। ଆଉ ସୁକାନ୍ତି ଦୁଆରବନ୍ଧ ସେପାଖରେ ବସି ମୁଡି ଭାଜୁଚି। ଗାଁ ଦାଣ୍ଡରେ ହଳଧରି ବିଶେଇ ଜମିକୁ ଗଲା ବେଳକୁ ଡାକ ଦେଲା, ''ହଇରେ ହରିଆକିରେ ଆ' ଚାଲ ଜମିରେ ହଳ ବୁଲେଇବା, ଆଜି ସମାନେ କରିଦେବାରେ' ସୁକାନ୍ତି ନାନି କହିଲା, 'ପୁଅରେ ସେ ବଡି ଭୋରୁ ବାହାରି ଗଲାଣି। ତୁ ଯା' ତୁଠ ପାଖ ଜମିରେ ହଳ ଯୋତୁଚି।' ତି ତି ବର୍ଷା ଚାରିଦିନ ଲାଗିଲା। ହରିଆକୁ ଆଉ ବେଳ ନାହିଁ ଖାଇବା ପାଇଁ, ଯେତେ ପାଣି ମିଳୁଚି ସବୁ ଜମିରେ ମିଶେଇ ଦେବାପାଇଁ ସେ ହଳ କରି ଚାଲିଚି। ବଳବୟସ ଅଛି ବୋଲି ସିନା କାମ କରୁଚି ନହିଲେ ଗାଁରେ ଆଉ କେହି ମର୍ଦ ଅଛନ୍ତି? ଚାରିଦିନ ବର୍ଷାରେ କଣ ଭିଜିଲା ହରିଆକୁ ମୁଣ୍ଡଜର ଧରିଲା। କେତେ ପୂଜା ପୂଜି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

କରି ସୁକାନ୍ତି ନାନି ହରିଆର ଜୀବନ ବଞ୍ଚାଇଲା।

ସକାଳୁ ସକାଳୁ କିଏ କବାଟରେ ବାଡଉଚି, ଦେଖି ସୁକାନ୍ତି ନାନି ବାହାରକୁ ଆସିଲା, ବେଳକୁ ନୂଆ ଲୋକ ଦେଖି ଘଡିଏ ଅଟକି ଗଲା, ପରିଚୟ ପଚାରନ୍ତେ ସେ ଧନପୁରରୁ ବଡତିଆଘର ରଇତ ଆସିଚି ବୋଲି କହିଲା। ହରିଆକୁ ଖୋଜୁଥିଲା। କାରଣ ଜାଣିବା ପାଇଁ କହିଲାରୁ ସେ କହିଲା ଆମ ଗାଁ ବଡ ପ୍ରଧାନର ଗୋଟେ ବୋଲି ଝୁଅ, ଯେ କଞ୍ଚା ଖୀର ଭଳିଆ ଦିହ। ରୂପ ଯେମିତି ଗୁଣ ସେମିତି, ମତେ ବାଟେଇଛନ୍ତି ପ୍ରସ୍ତାବ ପକାଇବାକୁ। ସୁକାନ୍ତିକୁ ହଠାତ୍ ଲାଗିଲା ଯେମିତି ତା ପିଲାଟା ବଡ ହେଇଗଲା। ରଇତକୁ ଦାଣ୍ଡ ପିଣ୍ଡାରେ ବସେଇ ଝୁଅର ଫୋଟ ଦେଖିଲା ସୁକାନ୍ତି। ଲକ୍ଷ୍ମୀ ପ୍ରତିମା ସମାନେ। ଗଲା ସନ ହାଟରେ ହରିଆ ଫୋଟ ଉଠେଇଥିଲା, ତା'କୁ ରଇତକୁ ଦେଇ କହିଲା, ଝୁଅର ଜାତକଟା ନହିଲେ ଟିପ୍ପଣୀଟା ଆଣି ଦେଇ ଯିବ। ହରିଆ ବେଳକୁ ଘରକୁ ଫେରିଲା ବେଳେ ବୋପା ମା' ଗୁଣୁଗୁଣୁ ହେଉଥାଆନ୍ତି। ବାହାଘର କଥା କହିବାରୁ ସାମାନ୍ୟ ଲାଜେଇଗଲା, ଆଉ ହସିଦେଇ କହିଲା, 'ବୋଉ ଭଲ ଝିଅ ଦେଖି ଆଣିବୁ। ନହିଲେ ଆମ ଘର ଭାଙ୍ଗିଦେବ। ସୁକାନ୍ତି କହିଲା, ' ମୋର ଆଉ ବଳବୟସ ଅଛି ଯେ ଝିଅ ଖୋଜିବାକୁ ଯିବି! ଧନପୁରର ବଡପଧାନର ରଇତ ଆସିଥିଲା, ଏ ଫୋଟଟା ଦେଇ ଯାଇଛି, ଦେଖେ। ଯଦି ମନ କରିବୁ ବୋଇଲେ ନଇଲେ ଯା' ଥରେ ଦେଖି ଆସିବୁ।'

କନ୍ୟାଦେଖି ଯିବାପାଇଁ ହରିଆ ବାହାରିଲା। ଧନପୁର ଆଉ ତା'ଗାଁ ଭିତରେ ସବୁ ଚାରି ମାଇଲ୍ ବାଟ। ପିଲାଦିନେ ସେ କେତେଥର ତିରିକି ମାରି ଏ ଗାଁରୁ ସେ ଗାଁ ଧାଇଁଚି ଯେ ହିସାବ ନାହିଁ। ଝିଅ ସୁନ୍ଦର ମନକୁ ମାନିଲା, ଆଉ ଦିନା କେତେଟାରେ ବାହାଘର ତୁଟିଗଲା। ଧନପୁର ଗାଁ ଝୁଅ ଭାରୀ ହିସାବି। ବାହାଘର ପରେ ପରେ ଘରେ ମୁରବୀ ପଣିଆ ଦେଖାଇବା ଆରମ୍ଭ କରିଦେଇଥିଲା। ଆଉ ସୁକାନ୍ତି ନାନୀର ସାହା କେହି ନଥିଲେ। ନିଜ ଜୀବନ ସାରା ସ୍ୱାମୀକୁ ଘରେ ଦେଖିନଥିଲା, ଏବେ ପୁଅ ଚାଷବାସରେ ଘରୁ ବାହାରେ ରହୁଥିବା ବେଳେ ବୋହୁର ଅତ୍ୟାଚାର ଦିନକୁ ଦିନ ବଢି ଚାଲିଥିଲା। ଗାଁ କାର୍ଜିଙ୍କ କାନରେ କଥାପଡିଲା ପରେ ପଞ୍ଚାୟତ ବସିଥିଲା ଆଉ ହରିଆ ତା' ସ୍ତ୍ରୀକୁ ନେଇ ଅଲଗା ହେଉ ବୋଲି ପଞ୍ଚାୟତ ରାୟ ଦେଇଥିଲା। ଅତି ସରାଗରେ ବଢାଇଥିଲା ଯୋଉ ପୁଅକୁ ତା'କୁ ଘରୁ ଅଲଗା କରିଦେଇଥିଲା ପରଘର ଝିଅଟା। ବୁଢାବୁଢୀକୁ ସାହା କେହି ନଥିଲେ। ହରିଆକୁ ଦେଖିବା ସପନ ହେଇଗଲା। ଏକା ଗାଁରେ ଥାଇ ସୁଦ୍ଧା ଦେଖା ପାଇଲାନି।

ସେ ଦିନ ସଞ୍ଜବତୀ ଜାଳିଲା ବେଳକୁ ଦୁଆର ପାଖରେ ଛାଇ ଭଳିଆ କାହାକୁ ଦେଖି ସୁକାନ୍ତି ନାନୀର ଛାତି ଦମକି ଉଠିଲା, ଡିବିରି ଧରି ଦୁଆର ପାଖକୁ ଗଲାବେଳକୁ ଦୁଆର ସେପାଖରେ ଠିଆ ହୋଇଥିବା ହରିଆ

ଲାଲ ଦେଖାଯାଉଥିଲା। ସୁକାନ୍ତି ନାନୀ କିଛି କହିବା ପୂର୍ବରୁ ହରିଆ କହୁଥିଲା, ' ବୋଉଲୋ, ଆଉ ତୋ'ଠୁ ମତେ କେହି ଅଲଗା କରିବେନି।' ସୁକାନ୍ତି କିଛି ବୁଝିପାରୁନଥିଲା। ହରିଆ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ହାତରୁ ରକ୍ତ ଭିଜା କାତିଟା ତଳେ ପଡିଯାଇଥିଲା । ଦେଖୁ ଦେଖୁ ଗାଁ ଲୋକ ଭିଡ ହେଇଗଲେ । ହରିଆ ତା ସ୍ତ୍ରୀକୁ ହତ୍ୟାକରିଛି ବୋଲି ଖବର ସମ୍ବାଦପତ୍ରରେ ବାହରିଲା । ସୁକାନ୍ତି ନାନୀ ଏବେ ବି ଏକେଲା ଥିଲା । ପୁଅକୁ ପୋଲିସ ବାନ୍ଧି ନେଇଚି । କୋର୍ଟ କଚେରୀ ଚାଲିଛି, ଓକିଲ କହୁଛି, ଫାଶି ନ କରେଇ ଆଜୀବନ କାରାଦଣ୍ଡ କରାଇ ଦେବି। ସୁକାନ୍ତି ନାନୀର ସଞ୍ଜବତୀ ସେଇମିତି ଜଳୁଛି। ଘରଟା ଯାହା ଆଲୁଅ ହେଉନାହିଁ ସିନା ।

## ଆତଙ୍କବାଦୀ

ନିଶାରେ ଥାଇ ମହସୁଦ୍ ନିଜ କୋଠରୀ ବାହାରକୁ ଦେଖୁଥିଲା । ଦୂରରେ ଠିଆ ହୋଇ ଚିଫ୍ ଆଉ କେତେଜଣ କଥାବାର୍ତ୍ତା କରୁଥିଲେ। ଧୂଳି ଉଡି ଆସି ଝରକା ଦେଇ ରୁମ୍‌ରେ ପଶି ଦୁଆର ଦେଇ ବାହାରି ଯାଉଥିଲା । ଗତ ଦୁଇମାସ ହେଲା ସେ ଏଇଠି ଅଛି । ପାକିସ୍ତାନର ଏକ ଅଜଣା ଜାଗାରେ । ହାଇଦ୍ରାବାଦ୍‌ର ଚାରମିନାର୍ ଗଳିରେ ଚୁଡି ଦୋକାନଟିଏ ଦେଇଥିଲା ସେ, ହେଲେ ଦିନେ ଆତଙ୍କ ଖେଳିଗଲା ସହରରେ, ସେ ଦୋକାନ ବନ୍ଦକରି ଘରକୁ ଫେରିବା ବାଟରେ ଘେରି ଯାଇଥିଲେ କିଛି ଆତଙ୍କି ଆଉ ସେ କେମିତି ପ୍ରାଣ ବଞ୍ଚାଇ ଘରେ ପହଞ୍ଚିଥିଲା ତାହା ସେ ହିଁ ଜାଣିଛି । ଘରେ କବାଟ ବନ୍ଦ କରିଦେଇ ଅମିନାକୁ ଡାକ ପକାଇଲା, ଘରେ ବେଗମ୍ ଆଉ ଦୁଇ ଝିଅ ଏକା ଥିଲେ । ସହରରେ ଦଙ୍ଗା ବ୍ୟାପିବା ଦେଖି ଶୋଇବା କୋଠରୀ ଖଟତଳେ ଲୁଚିଥିଲେ । ମହସୁଦ୍‌ର ଆୱାଜ ଶୁଣି ବାହାରକୁ ଆସିଲେ । ସମସ୍ତଙ୍କୁ ସକୁଶଳ ଦେଖି ମହସୁଦ୍ ଶାନ୍ତିରେ ନିଃଶ୍ୱାସ ମାରୁଥିଲା ବେଳେ ହଠାତ୍ କବାଟରେ କିଏ ଯୋରରେ କରାଘାତ କଲା । ସେ ଚମକିପଡି ପିଲାମାନଙ୍କୁ ଘର ଭିତରକୁ ପଠାଇ କବାଟ କୋଣରେ ଦେଖିଲା, ନିଜ ସାହିର ମୁନା, ଅଜିଜ୍, ସାକିର୍ ଆଉ କେତେ ଟୋକା ସବୁ ହାତରେ ଖଣ୍ଡା କାତିଧରି ଡାକ ପକାଉଛନ୍ତି । ସେ କବାଟ ଖୋଲିଲା, ସବୁ ତା ମୁହଁକୁ ଚାହିଁ କହିଲେ, 'ଆଉ ଚାହୁଁଚୁ କ'ଣ? ଧର ଏ ଖଣ୍ଡା । ଚାଲ ଆମେ ପ୍ରତିଶୋଧ ନେବା । ଯିଏ ଆମ ସ୍ତ୍ରୀପିଲାଙ୍କୁ ଚାହିଁବ ତା ଆଖି ତାଡିଦେବା । ଯିଏ ତାଙ୍କୁ ଛୁଇଁବାକୁ ଚାହିଁବ ତା ହାତ କାଟିଦେବା ।' ମହସୁଦ୍ ଘର ଭିତରକୁ ଥରେ ଚାହିଁଲା, ଭିତରପଟୁ କବାଟ ବନ୍ଦ କରିଦେ ବୋଲି ଅମିନାକୁ କହି ଜୁଲୁସରେ ମିଶି ଚାଲିଲା ।

ହାତରେ ଚୁଡି ଧରି ଗୋରା ହାତରେ ଚୁଡି ପିନ୍ଧାଇବାର ବ୍ୟବସାୟ କରୁଥିବା ମହସୁଦ୍ ଆଜି ହିଂସ୍ରକ ହୋଇ ଉଠିଥିଲା । ଦିପହର ବେଳକୁ ଲାଲବଜାର ଛକରେ ଦଳେ ହିନ୍ଦୁଙ୍କ ସହ ସାମନା ସାମନି ହୋଇଗଲା । ଅନେକଙ୍କୁ ସେ ଜାଣିଥିଲେ ସୁଦ୍ଧା ଆଜି କାହିଁକି ତା'କୁ ସବୁ ଅପରିଚିତ ଜଣାଗଲେ । ଦେଖୁ ଦେଖୁ ମୁସଲିମ୍ ଦଳର ଆକ୍ରମଣରେ କିଛି ଘାଇଲା ହେଲେ ଆଉ କିଛି ପ୍ରାଣବିକଳରେ ଦଉଡି ପଳାଇଗଲେ। ଲାଲବଜାରର ଦାଣ୍ଡକୁ ଲାଲ କରି ସେମାନେ ଆଗକୁ ବଢିଲା ବେଳକୁ ରାସ୍ତାରେ ପଡି ଛଟପଟ ହେଉଥିବା କେଂପେଗୌଡା ଗଳିର ରୋଶନ

VISIT US ONLINE
www.aahwaan.com
We also Offer Web Development Services

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ରାଓର ଚିତ୍କାର ଶୁଣି ସେ ଅଟକି ଗଲା। ଜୁଲୁସ ଆଗକୁ ଚାଲିଗଲା। ମହସୁଦ୍ ରୋଶନ ରାଓକୁ ଜାଣେ। ସେମାନେ ଏକାଠି ୟୁନିଭର୍ସିଟିରେ ପଢୁଥିଲେ। ଏକାଠି ବସି କେତେ ଗୁଲିଗପ କରିଛନ୍ତି, କେତେଥର ଗୋଟିଏ ଗିଲାସରେ ଚା' ପିଇଛନ୍ତି। ସେ ପଛକୁ ଫେରି ରୋଶନ ରାଓକୁ ହାତ ବଢାଇଲା ଉଠିବା ପାଇଁ। ରୋଶନ ପଛେଇଗଲା। ମହସୁଦ ଆଖିରେ ଲୁହ ଆସିଗଲା। ସେ ହାତରେ ଧରିଥିବା ଖଣ୍ଡାକୁ ଦୂରକୁ ଫୋପାଡି ଦେଇ ରୋଶନକୁ ହାତରେ ଧରି ଉଠାଇଲା ବେଳକୁ ପୋଲିସର ଗାଡି ଆସି ତା'କୁ ଧରିନେଲା। ଖଣ୍ଡା ସମେତ ମହସୁଦ୍ ହେଲା ଗିରଫ୍ତାର।

ଦଙ୍ଗା ତ ସରିଗଲା, ହେଲେ ମହସୁଦ୍ ରହିଲା ଜେଲ୍‌ରେ। ତା' ସାଥିରେ ଚାରମିନାର ଗଳିର ଆଉ କେତେଜଣ ଲୋକ। ସବୁ ମିଶି ଯୋଜନା କରୁଥିଲେ। ମଝିରେ ମଝିରେ ମହସୁଦକୁ ଗାଳି ଦେଉଥିଲେ, କହିଲେ ଯଦି ସେ ଦିନ ତୁ ରୋଶନକୁ ବଞ୍ଚାଇବା ପାଇଁ ଯାଇନଥାନ୍ତୁ ତେବେ ଆଜି ଏଠାରେ ନ'ଥାନ୍ତୁ। ମହସୁଦ୍ ଦୁଃଖରେ ଭାଙ୍ଗିପଡିଲା। ଜେଲ୍‌ରେ ଦେଖାକରିବା ପାଇଁ ଆସିଥିବା ଅମିନା ଖାଲି ଏତିକି କହିଥିଲା, ହିଂସାରୁ କିଛି ମିଳିବନି। ଆମେ କାହିଁକି କାହାର ପ୍ରାଣ ନେବା। ଆଲ୍ଲା ଚାହିଁଲେ ସବୁ ହେବ। ତୁମେ ନିଜକୁ ଆଲ୍ଲା ବୋଲି ଭାବନି। ମହସୁଦ୍ କାନରେ ସବୁ ଟାଏଁ ଟାଏଁ କରି ବାଜୁଥିଲା। ତା' ସଂସାର ଉଜୁଡ ଯାଇଥିଲା। ଦୋକାନ ତ ଦଙ୍ଗା ନେଇ ଯାଇଥିଲା। ସେ ଯା'ହେଉ ଦଙ୍ଗା ତୁଟିବାର ପନ୍ଦର ଦିନଭିତରେ ପ୍ରାୟ ସବୁ ଲୋକ ଜଣେ ଜଣେ କରି ବାହାରିଗଲେ, ହେଲେ ରହିଗଲା ମହସୁଦ୍। ଦାରୋଗାବାବୁ କହିଲେ ଲକ୍ଷେ ଦେଲେ ଛାଡିବେ ନଇଲେ, ଆତଙ୍କବାଦୀ କହି ସୁଟ୍ କରିଦେବେ। ଲକ୍ଷେ ଟଙ୍କା!!! ନିଜ ଜୀବନରେ କେବେ ବି ସେ ଲକ୍ଷେ ଟଙ୍କା ଦେଖି ନଥିଲା। ଅମିନାକୁ କହିଲା। କିନ୍ତୁ ସେ ବା କଣ କରିବ। ନିରୀହା ସ୍ତ୍ରୀ ଲୋକଟିଏ।

ମାସେକାଳ ଜେଲ୍ ଭିତରେ କାଟିଲା ପରେ ଦିନେ ସେ ଜେଲରୁ ବାହାରକୁ ଛାଡିଦିଆଗଲା। ଜେଲର କହିଲେ, 'ଯା, ତୋ ପାଇଁ ଲକ୍ଷେ ଟଙ୍କା ଶାରିଫ୍ ମିଆଁ ଆଣି ଦେଇଗଲେ।' ଶାରିଫ୍ ମିଆଁ? ମହସୁଦ୍ ଆଶ୍ଚର୍ଯ୍ୟ ହୋଇଗଲା। ଜେଲ୍‌ରୁ ବାହାରି ସିଧା ମସଜିଦ୍‌କୁ ଦଉଡିଲା। ମସଜିଦ୍‌ର ମୁଖ୍ୟ ଶାରିଫ୍ ମିଆଁ। ବଡ ପୁରୁଖା ଲୋକ। ତାଙ୍କ ଗୋଡତଳେ ପଡିଗଲା ଶାରିଫ୍ ମିଆଁ କହିଲେ, 'ଯା ଅମିନା ଆଉ ପିଲାଙ୍କୁ ଦେଖି ଆସିବୁ। ପରେ ତୋତେ ଲମ୍ବା ଯାତ୍ରାରେ ଯିବାର ଅଛି।' 'ଯାତ୍ରା' ମହସୁଦ୍ ଚମକି ପଡିଲା, 'କି ଯାତ୍ରା?' ଶାରିଫ ମିଆଁ ନିଜ ଲମ୍ବା ଦାଢୀରେ ହାତ ମାରି କହିଲେ, 'ହଜ୍ ଯିବୁ'। ମହସୁଦ୍ ଆଶ୍ଚର୍ଯ୍ୟ ସହିତ ଖୁସି ବି ହୋଇଯାଇଥିଲା। ଦଉଡିଲା ଘରକୁ। ପିଲାମାନଙ୍କ ମୁଣ୍ଡରେ ହାତ ଦେଇ କହିଲା ସେ ହଜ୍ ଯାଉଛି। ଅମିନା କହିଲା ହଜ୍ ପୁଣି ଏହି ସମୟରେ। ମହସୁଦ୍ ସବୁ କଥା ଅମିନାକୁ କହିଥିଲା। ଲକ୍ଷେଟଙ୍କା ପାଇଁ ଶାରିଫ୍ ପାଖରେ ମୁଣ୍ଡ ବିକି ହୋଇଯାଇଥିଲା ମହସୁଦ୍‌ର।

ଟ୍ରେନ୍‌ରେ ବସି ଗୁଜୁରାଟ୍ ଯାଇଥିଲା ମହସୁଦ୍,

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ସାଥିରେ ଆଉ ତିନିଜଣ ଥିଲେ। ସେମାନେ ବି ସମସ୍ତେ ଦଙ୍ଗାରେ ଧରା ପଡିଥିଲେ। ଗୁଜୁରାତରେ ଡଙ୍ଗାରେ ବସି ଯାଇଥିଲେ ଅଜଣା ଯାଗାକୁ। ସେଠାରେ ପହଞ୍ଚିବାପରେ ସେ ଜାଣିଥିଲା, ଯେ ସେମାନେ ହଜ୍ ନୁହଁ ଆସିଛନ୍ତି ପାକିସ୍ତାନ୍। ଦିନରେ ପାଞ୍ଚଥର ନମାଜ୍ ପଡା ଯାଉଥିଲା, ବିରିୟାନୀ ଆଉ ଖାସି ମାଂସ ଖାଇବାକୁ ଦିଆଯାଇଥିଲା। ମଦ ପିଇବାକୁ ଦିଆଯାଇଥିଲା। ଇସ୍ଲାମ୍‌ରେ ମଦ ପିଇବା ମନାଥିଲେ ସୁଦ୍ଧା ସେଇଠି ସମସ୍ତେ ମଦ୍ୟ ପାନ କରୁଥିଲେ। ମାସେ କେମିତି ବିତିଗଲା ଜଣା ପଡିଲା ନାହିଁ। ଆଉ ଜଣା ବି କେମିତି ପଡିଥାଆନ୍ତା, ନିଶାରେ ସବୁବେଳେ ରହୁଥିଲେ ସମସ୍ତେ। ଦିନେ ସମସ୍ତଙ୍କୁ ନିଆଗଲା ଟ୍ରେନିଂ କ୍ୟାଂପ୍। ଯବାନ ମାନଙ୍କ ପରି ପୋଷାକ ପିନ୍ଧି ହାତରେ ବନ୍ଧୁକ ଧରି ସମସ୍ତ ପ୍ରକାର ରଣ କୌଶଳ ଶିଖାଯାଉଥିଲା। ମୌଲବୀ ମାନେ ଆସି ବାରମ୍ବାର ଏହି କଥା କହିଯାଉଥିଲେ, ଯେ ଇସ୍ଲାମ୍ ହେଉଛି ସର୍ବଶ୍ରେଷ୍ଠ ଧର୍ମ। ଆଉ ସବୁ ଧର୍ମ ବିଧର୍ମୀ। ଧର୍ମଗୁରୁମାନେ ହାତରେ ବନ୍ଧୁକ ଧରିବା ସେ କେବେ ଦେଖିନଥିଲା, ହେଲେ ଏଇଠି ସମସ୍ତେ ବନ୍ଧୁକ ଧରିଥିଲେ। ତା'କୁ ବି ଦିନେ ବନ୍ଧୁକ ଦିଆଗଲା। ସେ ହୋଇଗଲା କମାଣ୍ଡର୍। ମହସୁଦ୍‌ର ଜୀବନ ବଦଳି ଯାଇଥିଲା।

ପ୍ରତିଦିନ ଖାଲି ଟ୍ରେନିଂ ଟ୍ରେନିଂ ଆଉ ଖାସି ମାଂସ ସହ ମଦ। ଦିନେ ସେ ଘରକୁ କଥାହେବ ବୋଲି କହିଦେଇଥିଲା, ଏଥିରେ ସେଠାରେ ଟ୍ରେନିଂ ଦେଉଥିବା ମୁଖିଆ ନାରାଜ ହୋଇ କହିଥିଲେ, 'ଆଲ୍ଲା ତୁମକୁ ବାଛିଚନ୍ତି କିଛି ଭଲ କାମ କରିବାପାଇଁ। ଆଉ ତୁମେ ଖାଲି ସ୍ତ୍ରୀ ପିଲା ବୋଲି ଭାଳି ହେଉଛ। ତୁମେ ଏବେ ଜାଣିରଖ ଯେ ତୁମେ ଏ ସଂସାର ଓ ସାଂସାରିକ ବନ୍ଧନରୁ ବହୁ ଉର୍ଦ୍ଧ୍ୱରେ। ଆଲ୍ଲାଙ୍କ ପାଖରେ ତୁମ ସ୍ଥାନ। ମୌଲବୀ ମଧ୍ୟ ଠିକ୍ ସେହି କଥା କହିଥିଲେ। ଘରକଥା ମନେ ପଡିବା ଯେ କେତେ ନ୍ୟୁନ ତାହା ମହସୁଦକୁ ସେମାନେ ଜଣାଇଥିଲେ। ଦିନ ରାତି ଟ୍ରେନିଂ ଚାଲିଥିଲା। ଦିନେ କୁହାଗଲା। ଆମେରିକା ଇସ୍ଲାମ୍ ଧର୍ମକୁ ଭୃକ୍ଷେପ କରୁଛି, ଆମେରିକାକୁ ଉଚିତ୍ ଶିକ୍ଷା ଦିଆଯିବା ଉଚିତ୍। ଟ୍ରେନିଂ କ୍ୟାଂପରେ ଥିବା ଦେଡଶହରୁ ଅଧିକ କମାଣ୍ଡର ମାନେ ଏହି କଥାକୁ ସମର୍ଥନ କରିଥିଲେ। ମହସୁଦ କ'ଣ କହିବ ଜାଣିପାରୁ ନଥିଲା। ସେ

ଯେତେବେଳେ ହାଇଦ୍ରାବାଦରେ ଦୋକାନ କରିଥିଲା, ତା' ଦୋକାନକୁ ଅଧିକାଂଶ ଆମେରୀକା ନାଗରିକ ଆସୁଥିଲେ, ଚୁଡି କିଣିବାପାଇଁ, କାହିଁ କେହି ତ କେବେ ବି ତାକୁ ଘୃଣା କରିନାହାନ୍ତି, କିମ୍ବା ଇସ୍ଲାମ୍ ବିରୁଦ୍ଧରେ କିଛି କହିନାହାନ୍ତି।

ସପ୍ତାହକ ପାଇଁ କ୍ୟାଂପ ଚଳଚଞ୍ଚଳ ହୋଇ ଉଠିଲା। ଖବର ହେଲା ଚିଫ୍ ଆସୁଛନ୍ତି। ମୌଲବୀ ଆସି ସମସ୍ତ କମାଣ୍ଡର ମାନଙ୍କୁ ସୂଚନା ଦେଇଗଲେ, ଯେ ଚିଫ୍ ଯାହା କହିବେ ହଁ କହିବ। ଚିଫ୍‌ଙ୍କୁ ଦେଖିବା ପରେ ମହସୁଦ୍‌କୁ ଭାରୀ ଭଲ ଲାଗିଥିଲା। ସାଡେ ଛ'ଫୁଟ୍ ଉଚ୍ଚ ସୁଗଠିତ ଚେହେରା ଓ ଶରୀରର ଅଧିପତି ଏହି ଚିଫ୍ କାରରେ ବସି ଆସିଥିଲେ, ସୁଦ୍ଧା ପୂର୍ଣ୍ଣ ମୁସଲମାନ୍ ପରି ଦାଡୀ ରଖିଥିଲେ, ଧଳା ପୋଷାକରେ ଆପାଦମସ୍ତକ ଆଚ୍ଛାଦିତ କରି ରଖିଥିଲେ। ସଭା

VISIT US ONLINE
www.aahwaan.com
We also Offer Web Development Services

ଆରମ୍ଭ ହେବା ପୂର୍ବରୁ ଇସ୍ଲାମ୍‌ର ଭିନ୍ନ ଭିନ୍ନ ତଥ୍ୟ ବିଷୟରେ ସମସ୍ତଙ୍କୁ ସାରଗର୍ଭିକ ଭାଷଣ ଦେଇଥିଲେ। ସଭା ସରିଲା ପରେ ସମସ୍ତେ ମଦମାଂସରେ ବୁଡି ରହିଥିବା ବେଳେ ଚିଫ୍ ମହସୁଦକୁ କହିଥିଲେ, ଆଲ୍ଲା ଚାହୁଁଛନ୍ତି ତୁମେ ତାଙ୍କରି ନିର୍ଦ୍ଦେଶରେ ଏକ ଅତ୍ୟନ୍ତ ଜରୁରୀ କାମ କର। ଆଗାମୀ ପନ୍ଦର ଦିନପରେ କରାଚୀ ସହରରେ ହେଉଥିବା ଏକ ମୁସ୍ଲିମ୍ ଜୁଲୁସ ସମୟରେ ତୁମେ ମୋର କିଛି ସାମାନ ନେଇ ସେଠାକୁ ଯିବ ଆଉ ମସଜିଦ୍ ପାଖରେ ଥିବା ଚୁଡି ଦୋକାନରେ ଦେଇ ଆସିବ। ସେଠାରୁ ଆମ କମାଣ୍ଡର ମାନେ ତୁମକୁ ନେଇ ତୁମ ମୁଲ୍କରେ ଛାଡି ଆସିବେ। ତୁମେ ନିଜ ସ୍ତ୍ରୀ ଓ ପିଲାଙ୍କୁ ବେଶୀ ଝୁରୁଚ ବୋଲି ଶୁଣୁଥିଲି।

ଚୁଡି ଦୋକାନ କଥା ଶୁଣି ମହସୁଦ ତୁରନ୍ତ ରାଜି ହୋଇଯାଇଥିଲା। ହେଲେ ସେହିଦିନଠାରୁ କ୍ୟାଂପର ବାତାବରଣ ପରିବର୍ତ୍ତନ ହୋଇଥିଲା। ଚବିଶିଘଣ୍ଟା ଚିଫ୍ କ୍ୟାଂପରେ ରହୁଥିଲେ, ସବୁ ବେଳେ ବସି କଂପ୍ୟୁଟରରେ କିଛି ନା କିଛି ଯୋଜନା କରୁଥିଲେ। ଆଉ ଏଇ ମଧ୍ୟରେ ମହସୁଦର ଟ୍ରେନିଂ ବନ୍ଦ କରିଦିଆ ଯାଇଥିଲା। ଚବିଶି ଘଣ୍ଟା ଖାଲି ମଦ ପିଇବାକୁ ଦିଆଯାଇଥିଲା। ମହରମ୍ ଆସୁଛି ବୋଲି ସେ ବି ଜାଣିଥିଲା, କ୍ୟାଂପ୍‌ରେ ସମସ୍ତେ ତା'କୁ ଆସି ବଧେଇ ଜଣେଇ ଯାଉଥିଲେ। କହୁଥିଲେ ଯେଉଁ କାମ ପାଇଁ ଆଲ୍ଲା ତା'କୁ ବାଛିଚନ୍ତି ତାହା କରି ସେ ଜନ୍ନତକୁ ଯିବ। ନିଶାରେ ଥାଇ ମହସୁଦ୍ ଖାଲି ଭାବୁଥିଲା ଜନ୍ନତ କଣ? ସେଇଠି ବି କ'ଣ ତାକୁ ଏମିତି ମଦ ପିଇବାକୁ ମିଳିବ। ସେ ତ କୁରାନ୍‌ରେ ପଢିଛି, ଇସ୍ଲାମ୍ ମଦ ପିଇବାକୁ ମନାକରେ। ତା'ହେଲେ ଜନ୍ନତରେ ତାକୁ କଣ ମିଳିବ। ସେ କ'ଣ ତା ପ୍ରିୟ ଅମିନାକୁ ଦେଖିପାରିବ, ଝିଅ ଦୁଇଜଣଙ୍କୁ ଦେଖିବାର ଦୁଇ ମାସ ବିତିଗଲାଣି, ଏବେ ସେମାନେ କେମିତି ଥିବେ, କଣ କରୁଥିବେ କିଛି ଜାଣିପାରୁନି। ନିଜ ଝିଅ ଦୁଇଟାକୁ ଦେଖିବାକୁ ତା'ମନ ବ୍ୟାକୁଳ ହୋଇ ଉଠିଲା। ନିଜ କୋଠରୀ ବାହାରକୁ ଆସି ସେ ଚିଫ୍‌କୁ କହୁଥିଲା ନିଜ ପରିବାରକୁ ଦେଖିବା କଥା। ଚିଫ୍ ହସିଦେଇ କହିଲେ ଆଉ ତିନିଦିନ ମାତ୍ର। ତୁମେ କରାଚୀରେ ଆମ ଜିନିଷ ପହଞ୍ଚାଇଦିଅ ତା'ପରେ ସେଇଠୁ ଘରକୁ ଯିବ। ମହସୁଦ୍ ଖୁସି ହୋଇଥିଲା।

ମହରମ୍ ଦିନ ସକାଳୁ ସକାଳୁ କ୍ୟାଂପ୍‌ରେ ରେଡିଓ ବାଜୁଥିଲା। କରାଚୀର କେନ୍ଦ୍ର ସ୍ଥଳରେ ଥିବା ଜାମା ମସଜିଦ୍‌ରେ ଆଜି ଲକ୍ଷାଧିକ ମୁସଲ୍‌ମାନ ଏକାଠି ହୋଇ ନମାଜ ପଢିବେ। ଆଲ୍ଲାଙ୍କ ଉଦ୍ଦେଶ୍ୟରେ ମଥା ନୋଇଁବେ। ମହସୁଦ୍ ମନ ଭାରି ଖୁସିଥିଲା। କେମିତି ଶୀଘ୍ର ସେ କରାଚୀରେ ପହଞ୍ଚିଲେ ନମାଜ ପଢି ନିଜ ଘରକୁ ଯିବ ବୋଲି ଚିନ୍ତା କରୁଥିଲା। ଆଠଟା ବେଳକୁ ଚିଫ୍ ଆସି ମହସୁଦକୁ ଗାଡିର ଚାବିଦେଇ କହିଲେ ଯାଅ ଏଇ ଗାଡିନେଇ। ଜାମା ମସଜିଦ ସାମନା ଗଳିରେ ଥିବା ଚୁଡି ଦୋକାନ ସାମନାରେ ରଖିବ, ସେଇଠି ଆମ ଭାଇ ତୁମକୁ ନେବାକୁ ଆସିବେ। ଗାଡିରେ ମହସୁଦ୍ ସାଥୀରେ ଥିଲା ମୁନ୍ନା। ମୁନ୍ନାକୁ ଦୁଇମାସ ପରେ ଦେଖି ମହସୁଦ୍ ଚମକି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ପଡିଥିଲା । ଏକା ସହରରେ ଥିଲେ ସୁଦ୍ଧା ସେମାନେ ପରସ୍ପରକୁ ଦେଖିନଥିଲେ ।

ଗାଡିଧରି ମହସୁଦ ବାହାରିଲା ବେଳେ ଚିଫ୍ ଆସି ମହସୁଦ୍ ଓ ମୁନ୍ନା ଗଳାରେ ତାବିଜ୍ ବାନ୍ଧିଦେଇ ଗଲେ। କହିଲେ ଧ୍ୟାନଦେଇ ଜିନିଷ ନେବ, ନୋଇଲେ ନଷ୍ଟ ହୋଇଯିବ। ସେଇଠି ଲୋକ ମହରମ୍ ପାଳିବାପାଇଁ ଅପେକ୍ଷା କରିଛନ୍ତି। କ୍ୟାଂପ୍‌ଠାରୁ ମାତ୍ର ଅଶୀ କିଲୋମିଟର ବାଟ କରାଚୀ । ମହସୁଦ ଗାଡି ଚଳାଇବା ଜାଣିନଥିଲା, ବୋଲି ତାକୁ ମାସେକାଳ ଟ୍ରେନିଂ ଦିଆଯାଇଥିଲା । ସେ ଭାରୀ ଖୁସିଥିଲା । କାରଣ ଚିଫ୍ କହିଥିଲେ, ଏ କାମ ସରିଲେ ସେ ତା'କୁ ଦୁଇ ଲକ୍ଷ ଟଙ୍କା ଦେଇ ନିଜ ଗାଁକୁ ପଠାଇଦେବେ। ସେ ମନେମନେ ଚିନ୍ତା କରୁଥିଲା, ଗାଁକୁ ଗଲେ ସେ ଗୋଟେ କାର୍ କିଣିବ, ଅମିନା ଆଉ ଦୁଇ ଝିଅଙ୍କୁ ବସାଇ ହାଇଦ୍ରାବାଦ ବୁଲେଇ ଆଣିବ। ଗାଡି କ୍ୟାଂପରୁ ବାହାରିଲା।

ମୁନ୍ନା ଆଉ ମହସୁଦ୍ କଥାବାର୍ତ୍ତା ହେଉଥିଲେ। କିଛି ବାଟ ଯିବାପରେ ଅଘଟଣ ଟିଏ ଘଟିଗଲା। ଗାଡିର ପଛର ଗୋଟିଏ ଟାୟାର ବୋଧହୁଏ ପଙ୍କଚର୍ ହୋଇଗଲା । ଅଗତ୍ୟା ମୁନ୍ନା ଆଉ ମହସୁଦ ଓହ୍ଲାଇ ସେଇ ଚକାକୁ ବଦଳାଇବାର ଯୋଜନା କଲେ। ସାନ ମିନିଟ୍ରକ୍ ପରି ଦେଖାଯାଉଥିବା ଏହି ଗାଡିରେ ଗୋଟିଏ ଅଧିକ ଚକା ରହିବା ନିଶ୍ଚିତ ଭାବି ପଛ ଡାଲା ଖୋଲି ଦେଖିଲା ବେଳକୁ ମହସୁଦ ଓ ମୁନ୍ନାର ଗଳା ଶୁଖିଗଲା । ଟ୍ରକ୍ ଡାଲାରେ ବିରାଟ ବଡ ବମ୍ ରଖାଯାଇଥିଲା ।

ମୁନ୍ନା ସାଙ୍ଗେ ସାଙ୍ଗେ ବୁଝିଗଲା । କହିଲା ମହସୁଦ ଭାଇ ଆମକୁ ଠକିଦେଲେ। ଆମକୁ ଦୁଇମାସ ହେଲା ମଦମାଂସରେ ବୁଡେଇ ରଖି ସେମାନେ ଆମକୁ ଲୋକଙ୍କୁ ମାରିବାପାଇଁ ଟ୍ରେନିଂ ଦେଉଥିଲେ, ଆଉ ଆମେ ଭାବୁଥିଲେ ଯେ ଆମକୁ ସ୍ୱର୍ଗ ମିଳିବ। ମହସୁଦର ହାତପାଦରୁ ଝାଳ ବୋହି ଓଦା ହୋଇଗଲା । ଏବେ ଆମେ କଣ କରିବା ବୋଲି ଦି'ଜଣ ଚିନ୍ତାରେ ପଡିଗଲେ। ଧୂଳି ଧୁସର ରାସ୍ତାରେ ଏପାଖେ ସେପାଖେ ପାଞ୍ଚ ମାଇଲ ପର୍ଯ୍ୟନ୍ତ ଲୋକବାକ ଦେଖା ନାହିଁ। ଗାଡିକୁ ଠେଲି ଠେଲି ଗୋଟିଏ ଗଛ ଛାଇରେ ରଖି ବସିଗଲେ। ଧୀରେ ଧୀରେ ଶାନ୍ତ ହୋଇଆସୁଥିଲେ ସେ ଦି'ଜଣ ହେଲେ କାନରେ ବମ୍‌ରେ ଲାଗିଥିବା ଘଣ୍ଟାର କିଂ କିଂ ଶବ୍ଦ ପଡୁଥିଲା।

ମହସୁଦ କହିଲା, ' ଏବେ ଆମେ କ'ଣ କରିବା? ଯୋଉମାନେ ଏତେ ଆତ୍ମଘାତୀ କାମ କରୁଛନ୍ତି, ସେମାନେ କଣ ଆମକୁ ଛାଡିବେ। ନିଶ୍ଚେ ମାରିଦେବେ।' ମୁନ୍ନା କହିଲା, 'ରହ ଭାଇ, ଆଲ୍ଲାଙ୍କ ଉପରେ ଭରସା ରଖ।' ସେମାନେ କିଛି କ୍ଷଣ ରହିବାପରେ ଚକାବଦଳାଇବାପାଇଁ ନିଷ୍ପତି ନେଲେ। ମୁନ୍ନା କହିଥିଲା, 'ଚାଲ ଆଗ ଚକା ବଦଳାଇବା, ପରେ ଦେଖିବା କଣ ହେଉଛି।' ଚକା ବଦଳାଇବା ଭିତରେ ମୁନ୍ନା କହିଲା, 'ଶୁଣ ମୁଁ ଗୋଟିଏ କଥା ଭାବୁଛି। ଏଇ ବମ୍ ନେଇ ଆମେ କରାଚୀ ଯିବା, ସେମାନେ ଯେମିତି କହିଛନ୍ତି ସେମିତି କରିବା। ମରନ୍ତୁ ଲୋକ, ଆମର କ'ଣ ଯାଏ ଆସେ। ଆମେ ତ ଘରକୁ ଯିବା ନା। ଏମାନେ ଥିଲେ ତ ଆମ ଦେଶକୁ ଆତଙ୍କିତ କରିବେ

VISIT US ONLINE
www.aahwaan.com
We also Offer Web Development Services

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ନା, ମରନ୍ତୁ।' କିଛି କ୍ଷଣ ପାଇଁ ମହସୁଦକୁ କଥାଟା ଭଲ ଲାଗିଥିଲେ ମଧ୍ୟ ସେ ଏଥିରେ ରାଜି ହେଇପାରିଲା ନାହିଁ। ଅମିନା କହିଥିଲା, 'ହିଂସାରୁ କିଛି ମିଳିବନି। ଆମେ କାହିଁକି କାହାର ପ୍ରାଣ ନେବା। ଆଲ୍ଲା ଚାହିଁଲେ ସବୁ ହେବ। ତୁମେ ନିଜକୁ ଆଲ୍ଲା ବୋଲି ଭାବନି।' ସେ ମନାକଲା।

ଅଧାରୁ ଅଧିକ ବାଟ ଆସିସରିଥିଲେ ସେ ଦୁଇଜଣ। ସାହସ ବାନ୍ଧି ରାସ୍ତା କଡରେ ଖୋଳାହୋଇଥିବା ନାଳରେ ବମ୍‌ଟିକୁ ଉଠେଇ ପକାଇଦେବା ଯୋଜନା କଲେ। ମୁନ୍ନା ମନାକରୁଥିଲା, କହିଲା ଯଦି ଫାଟିଯାଏ, ମହସୁଦ୍ କହୁଥିଲା, 'ଯଦି ଫାଟିବ ଆମେ ଦୁଇଜଣ ମରିବା। ଆଉ ଯଦି ଏଇଟାକୁ ନେଇ ସେଇଠିକୁ ଯିବା ହଜାର ହଜାର ନିରୀହ ଲୋକ ମରିଯିବେ।' ଅତି ସନ୍ତର୍ପଣରେ ବମ୍‌କୁ ଧରି ରାସ୍ତାକଡରେ ପକାଇଦେଲେ

ଦୁଇଜଣ। ପାଖରେ ଥିବା ମାଟି ଗୋଡି ସବୁ ପକାଇ ଘୋଡାଇ ଦେଇଥିଲେ। ତା'ପରେ ଗାଡିଧରି ସିଧା ଚାଲିଲେ କରାଚୀ। ମସଜିଦ୍ ପାଖ ଗଳିରେ ଗାଡିକୁ ଥୋଇଦେଇ ଆଉ କାହାରିକୁ ଅପେକ୍ଷା କରିନଥିଲେ ସେମାନେ। ସେଠାରୁ ଦଉଡି ଦଉଡି ବହୁତ ଦୁର୍ ଆସି ଯାଇଥିଲେ। ହେଲେ ପୋଲିସ ହାତରେ ଧରା ପଡିଥିଲେ। ଭାରତୀୟ୍ ବୋଲି ଜାଣିବାପରେ ସେମାନଙ୍କୁ ଜେରା କରାଯାଇଥିଲା, ହେଲେ ମାଛ ଧରୁ ଧରୁ ପାକିସ୍ତାନ ଚାଲି ଆସିଛନ୍ତି ବୋଲି କହିଥିଲେ ଦୁଇଜଣ। ପାକିସ୍ତାନ ଜେଲ୍‌ରେ ବନ୍ଧା ହୋଇଥିବା ମହସୁଦ୍ ଆଉ ମୁନ୍ନାକୁ ନେଇ ରାଜନୀତି ସରଗରମ ହୋଇପଡିଲା। ପାକିସ୍ତାନୀ ସରକାର ତାକୁ ଆତଙ୍କବାଦୀ ବୋଲି ପ୍ରମାଣିତ କରିବାପାଇଁ କୌଣସି ସୁଯୋଗ ଛାଡିନଥିଲା। ସେମାନଙ୍କ କୌଣସି ଦଲିଲ୍ ଶୁଣାଯାଇନଥିଲା।

ଭାରତ ସରକାରଙ୍କ ପାଖରେ ବାରମ୍ବାର ଅର୍ଜି ଦେବ ସତ୍ତ୍ୱେ ଅମିନାବେଗମ୍ ଓ ତା ଦୁଇଝିଅ ବାର୍ ଦୁଆର ତେର ପିଣ୍ଡା ହେଲେ ସିନା, ମହସୁଦ୍‌କୁ ଜେଲ୍‌ରୁ ଛଡାଗଲା ନାହିଁ। ଚାରମିନାର୍ ଶାରିଫ୍ ମିଆଁ ଅମିନା ବେଗମ୍‌କୁ ଆସି ଏକ ଲକ୍ଷ ଟଙ୍କା ଦାବୀ କରୁଥିଲା। କହୁଥିଲା, ମୁଁ ତାକୁ ପଠାଇଥିଲି ହଜ୍ କରିବାପାଇଁ ସେ ଯାଇ ପାକିସ୍ତାନରେ ଆତଙ୍କବାଦୀ ହୋଇଗଲା। ଜେଲ୍‌ରେ ବସି ବସି ନିଜ ଫାଶିକୁ ଅପେକ୍ଷା କରିଥିଲା ଏକ ଆତଙ୍କବାଦୀ।

# ଶ୍ରୀ କ୍ଷେତ୍ରେ ଚନ୍ଦନ ଯାତ୍ରା

ଶ୍ରୀ ନିର୍ମଳ ମିଶ୍ର

ଶ୍ରୀ କ୍ଷେତ୍ରରେ ଶ୍ରୀ ଗଜନ୍ନାଥଙ୍କ ଉଦ୍ଦେଶ୍ୟରେ ପାଳିତ ଯାତ୍ରା ମାନଙ୍କ ମଧ୍ୟରେ ଚନ୍ଦନ ଯାତ୍ରା ପ୍ରସିଦ୍ଧି ଲାଭ କରିଅଛି। ଏହା ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ୍ ତୃତୀୟାଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୪୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଚନ୍ଦନ ଯାତ୍ରା ଚନ୍ଦନ ଲାଗି ଓ ଜଳକେଳି ଭଳି ଦୁଇଭାଗରେ ବିଭକ୍ତ। ଅକ୍ଷୟ୍ ତୃତୀୟା ଠାରୁ ୪୨ ଦିନଲାଗି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଚନ୍ଦନ ଲାଗି ଓ ପ୍ରଥମ ୨୧ ଦିନ ଜଳକେଳି ଅନୁଷ୍ଠିତ ହୋଇଥାଏ। ପ୍ରଥମ ୨୧ ଦିନ ଜଳକେଳି ହେଉଥିବାରୁ ଏହାକୁ ବାହାର ଚନ୍ଦନ ଓ ଶେଷ ୨୧ ଦିନ ଠାକୁର ମାନେ ବାହାରକୁ ନଯାଇ ଶ୍ରୀ ମନ୍ଦିର ପରିସରରେ ଚନ୍ଦନ ଲାଗି ହେଉଥିବାରୁ ଏହାକୁ ଭିତର ଚନ୍ଦନ କୁହାଯାଇଥାଏ।

ଚନ୍ଦନ ଯାତ୍ରାର ସୃଷ୍ଟିକଥା ଚିନ୍ତାକଲେ ଜଣାପଡେ ଯେ ସତ୍ୟଯୁଗରେ ଅବନ୍ତୀ ନରେଶ ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ପ୍ରତିଷ୍ଠାକରି ପ୍ରଭୂଙ୍କ ନିର୍ଦ୍ଦେଶକ୍ରମେ ଏହି ଯାତ୍ରା ସୃଷ୍ଟି କରିଥିଲେ। :ନୃସିଂହ ପୁରାଣ'ରେ କଥିତ ମତ ଅନୁଯାୟୀ ନୃସିଂହ ସତ୍ୟଯୁଗରେ ଚନ୍ଦନ ଯାତ୍ରା ଅନୁଷ୍ଠିତ କରାଇ ତହିଁରେ ନିଜେ ଅଂଶ ଗ୍ରହଣ କରିଥିଲେ। 'ମହାଭାରତ'ରେ ପ୍ରଦତ୍ତ ମତ ଅନୁଯାୟୀ ଉତ୍ତରାପରାୟଣ ଅବକାଶରେ କୁନ୍ତୀ ଶ୍ରୀକୃଷ୍ଣବଳରାମଙ୍କୁ ଡକାଇ ଚନ୍ଦନ ଯାତ୍ରା କରାଇଥିଲେ। ଶ୍ରୀ କୃଷ୍ଣ ଓ ଗୋପୀମାନଙ୍କ ମଧ୍ୟରେ ଜଳକ୍ରୀଡା ସହ ନାବକେଳି ଅନୁଷ୍ଠିତ ହୋଇଥିବା କଥା ହରିବଂଶରେ ଅଚ୍ୟୁତାନନ୍ଦ କହିଛନ୍ତି। ଆଉ ଏକ ମତ ଅନୁଯାୟୀ ବିରାଟ ରାଜ୍ୟରେ ପଞ୍ଚୁପାଣ୍ଡବଙ୍କର ଅଜ୍ଞାତବାସ ପରେ ବିରାଟ ଶ୍ରୀକୃଷ୍ଣ ଓ ବଳରାମଙ୍କ ଦର୍ଶନ ଇଚ୍ଛା ପାଣ୍ଡବମାନଙ୍କ ନିକଟରେ ବ୍ୟକ୍ତ କରିଥିଲେ ଏବଂ ଏଥି ନିମିତ୍ତ ଗ୍ରୀଷ୍ମକାଳରେ ବିରାଟ ସରୋବରରେ ଜଳକେଳି ମଣ୍ଡପ ନିର୍ମାଣ କରିଥିଲେ। ରାମକୃଷ୍ଣ ପଞ୍ଚପାଣ୍ଡବଙ୍କ ସହିତ ଏହି ସରୋବରରେ ଚନ୍ଦନ ଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। 'ଚନ୍ଦନ କାରୀକା' ଓ 'ପୁରୁଷୋତ୍ତମ ପୁରାଣ' ମତରେ ଚୌଦ୍ୱାର ନିକଟରେ ଥିବା ବିରାଟ ବଂଶର ଗଜପତି ମାନେ ଏହି ଯାତ୍ରା ପ୍ରବର୍ତ୍ତନ କରିଥିଲେ।

ଏବେ ଚନ୍ଦନ ଯାତ୍ରାର ରୀତିନୀତି ସଂପର୍କରେ କିଛି କୁହାଯାଉ। ପ୍ରତ୍ୟେକ ଦିନ ଶ୍ରୀ ମନ୍ଦିରର ଭୋଗମଣ୍ଡପରେ ଆବଶ୍ୟକ ନୀତି ସଂପର୍ଣ୍ଣ ହେବାପରେ ବିଜେ ପ୍ରତିମାମାନଙ୍କୁ ଆଜ୍ଞାମାଳ ଦିଆଯାଇଥାଏ। ମଣିବିମାନରେ ମଦନମୋହନ ଓ ଭୂଦେବୀ, ଶ୍ରୀଦେବୀ ବା ସରସ୍ୱତୀ ଲକ୍ଷ୍ମୀ ଓ ଗଜଦନ୍ତ ପାଲିଙ୍କିରେ ରାମକୃଷ୍ଣ ଶ୍ରୀ କ୍ଷେତ୍ରରେ ଅବସ୍ଥିତ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି। ସିଂହ ଦ୍ୱାରରେ ଶ୍ରୀ ଯମେଶ୍ୱର, ମାର୍କେଣ୍ଡେୟ, ଲୋକନାଥ, କପାଳମୋଚନ ଓ ନୀଳକଣ୍ଠ ପଞ୍ଚ ମହାଦେବ ରୂପକ ପଞ୍ଚପାଣ୍ଡବ ସ୍ୱ ସ୍ୱ ବିମାନରେ ଏହାଙ୍କ ସହିତ ମିଶି ସାତଗୋଟି ଯାନରେ ଦଶ ଅବତାର ଦେବତା ଯାତ୍ରା କରିଥାଆନ୍ତି। ବାଟରେ ଦେବ ପ୍ରତିମାମାନେ ଜଗନ୍ନାଥ ବଲ୍ଲଭରେ ଚୂଡଙ୍ଗଦେବଙ୍କୁ ଛଜାପ୍ରସାଦ ଦେଇ ସେହି ମଠରୁ ଜଳ ସହିତ ଚୂଡଙ୍ଗ ହନୁମାନଙ୍କୁ ସଙ୍ଗରେ ନେଇଥାଆନ୍ତି। ଦେବତା ମାନେ ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବାପରେ କର୍ପୂର ଜଳ ନୈବେଦ୍ୟ ହୋଇଥାଏ। ସେଠାରେ ଲାଲ ଓ ଧଳା ରଙ୍ଗର ଦୁଇଟି ନୌକା ସଜ୍ଜିତ ହୋଇଥାଏ। ରାମକୃଷ୍ଣ ଲାଲ ରଙ୍ଗର ବଡଚାପରେ ସ୍ୱ ସ୍ୱ ଆସନରେ ବିଜେ ହେବାପରେ ପଞ୍ଚଶମ୍ଭୁ ତାଙ୍କ ପଛ ଆସନରେ ବିଜେ କରନ୍ତି। ମଦନମୋହନ ଓ ଲକ୍ଷ୍ମୀ ସରସ୍ୱତୀ ଧଳାରଙ୍ଗର ପଛ ଚାପରେ ବିଜେ କରନ୍ତି। ଚାପ ଉପରେ ପ୍ରସାଦ ଓ ବିଡିଆଲାଗି ପରେ ଦିନ ଚାପ ଆରମ୍ଭ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ହୋଇ ନରେନ୍ଦ୍ର ଚାରିପଟେ ଏକ ଘେରା ଭ୍ରମଣ କରିଥାଏ। ଦୁଇ ଚାପ କୂଳକୁ ଆସିବାପରେ ଦୁଇ ଚାପ ଏକତ୍ର ହୋଇ ବଡ ଚାପରୁ ରାମକୃଷ୍ଣ ମଦନମୋହନଙ୍କ ଚାପକୁ ବିଜେ କଲାପରେ ବନ୍ଦାପନା ଓ ଆଲଟଚାମର ଲାଗିହୁଏ। ଏହାପରେ ପ୍ରତିମାମାନେ ଚନ୍ଦନ ମଣ୍ଡପ ଉପରେ ବିଜେ ହୁଅନ୍ତି। ଚନ୍ଦନ ମଣ୍ଡପ ଉପରେ ତିନିଗୋଟି ଚନ୍ଦନକୁଣ୍ଡ ସୁସଜ୍ଜିତ ଥାଏ। ମଦନ ମୋହନ, ଲକ୍ଷ୍ମୀ ସରସ୍ୱତୀ ମଣ୍ଡପର ମଧ୍ୟଭାଗରେ ରାମକୃଷ୍ଣ ପୂର୍ବ ପାର୍ଶ୍ୱରେ ଓ ପଞ୍ଚଶମ୍ଭୁ ପଶ୍ଚିମପାର୍ଶ୍ୱରେ ଥିବା ଚନ୍ଦନ କୁଣ୍ଡରେ ବିଜେ କରନ୍ତି। ବିଗ୍ରହ ମାନଙ୍କର କୁଣ୍ଡଜଳ ଲାଗି ନୀତି ସମାପନ୍ନ ହେବାପରେ ପୋଛାପୋଛି ନୀତି କରାଯାଇଥାଏ। ଏହାପରେ ଠାକୁର ମାନଙ୍କୁ ପୁଷ୍ପାଦିରେ ବେଶ କରାଯିବାପରେ ଶୀତଳ ମଣୋହି କରାଯାଏ। ତାପରେ ବିଗ୍ରହ ମାନଙ୍କୁ ନରେନ୍ଦ୍ର ମଣ୍ଡପରେ ପ୍ରସ୍ତୁତ ମାଣ୍ଡୁଅ ବା ପୁରୋଡାଷ ଭୋଗ ଦିଆଯାଇ ବିଡିଆ ଲାଗିହୁଏ। ଏହାପରେ ବିଗ୍ରହମାନେ ରାତ୍ର ଚାପକୁ ବିଜେ ହୁଅନ୍ତି। ଏହି ରାତ୍ର ଚାପ ନରେନ୍ଦ୍ର ପୁଷ୍କରିଣୀରେ ତିନିଥର ଭ୍ରମଣ କଲାପରେ ବିଗ୍ରହମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ବଟମୂଳେ ଅବସ୍ଥାନ କରିଥାଆନ୍ତି। ବଟମୂଳରେ ଠାକୁର ମାନଙ୍କୁ ଜଳଲାଗି କରାଯାଏ। ଏହି ପ୍ରତିମାମାନଙ୍କର ବାହାର ଯାତ୍ରା ସମୟରେ ଶ୍ରୀମନ୍ଦିରରେ ଜୀଉମାନଙ୍କର ସନ୍ଧ୍ୟା ଧୂପ ବଡିବାପରେ ଜୟବିଜୟ ଦ୍ୱାର ବନ୍ଦରହି ଜଗମୋହନ ଅନ୍ଧକାର କରାଯାଇଥାଏ। ତ୍ରିମୁର୍ତ୍ତିରେ ସୁବାସ ଫୁଲଲାଗି ଓ କର୍ପୂର ଲାଗି ହୋଇଥାଏ। ଏହାପରେ ଅଖଣ୍ଡ ବଇଠା ଲିଭାଯାଇ ବିଡିଆ ଓ ଆଲଟ ଲାଗି ହୁଏ। ଏହାପରେ ପୁଣି ବଇଠାଲାଗି ଓ ପାଣିପଡି ପଣା ଭୋଗ ହୁଏ। ଏହି ନୀତି ବଡିବା ବେଳକୁ ଦେବପ୍ରତିମାମାନେ ଚନ୍ଦନରୁ ଫେରି ଲକ୍ଷ୍ମୀ ସରସ୍ୱତୀ ରତ୍ନସିଂହାସନରେ ବିଜେ ହେବାପରେ ଶ୍ରୀ ମନ୍ଦିରରେ ଅନ୍ୟାନ୍ୟ ନୀତିମାନ ହୋଇଥାଏ। ବାହାର ଚନ୍ଦନ ଅକ୍ଷୟ ତୃତୀୟା ଠାରୁ ବିଂଶ ଦିବସ ପର୍ଯ୍ୟନ୍ତ, ଏହିପରି ପାଳନ ହେଉଥିଲେ ମଧ୍ୟ ବିଂଶ ଦିବସର ରାତ୍ରରେ ଚାପ ପୁଷ୍କରିଣୀରେ ୨୧ ଘେରା ବୁଲିଥାଏ ଓ ପ୍ରତିକୋଣରେ ଓ ମଧ୍ୟଭାଗରେ ସାତଥର ଲେଖାଏଁ ଭଉଁରୀ କରାଯାଇଥାଏ। ଏହାକୁ ଭଉଁରୀ ଯାତ୍ରା କୁହାଯାଏ। ଏକବିଂଶ ଦିବସରେ ରାତ୍ରଚାପ ହୁଏନାହିଁ କି ଦେବ ବିଗ୍ରହମାନେ ଚନ୍ଦନ ମଣ୍ଡପକୁ ବିଜେ ହୁଅନ୍ତି ନାହିଁ। ଦିନ ଚାପରେ ବନ୍ଦାପନା ଓ ହଳଦୀ ପାଣି କ୍ରୀଡାପରେ ବାହାର ଚନ୍ଦନ ସମାପ୍ତ ହୋଇଥାଏ। ଶେଷ ଦିନକୁ ହଳଦୀପାଣି ଉତ୍ସବ କୁହାଯାଏ।

ବାହାର ଚନ୍ଦନ ୨୧ ଦିନପରେ ଭିତର ଚନ୍ଦନ ୨୧ଦିନ ଶ୍ରୀମନ୍ଦିର ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଭିତର ଚନ୍ଦନରେ ଦୈନିକ ଦୁଇଥର ଚନ୍ଦନ ଓ ଆଲଟ ଲାଗିହୁଏ। ଭିତର ଚନ୍ଦନ ୨୧ ଦିନ ମଧ୍ୟରୁ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଓ ରୁକ୍ମିଣୀ ବିବାହ ଦିନ ଶ୍ରୀ ମନ୍ଦିର ମଧ୍ୟରେ ଥିବା ଜଳକ୍ରୀଡା ମଣ୍ଡପରେ ପ୍ରତିମାମାନଙ୍କ ଜଳକ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥାଏ।

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ବାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଚନ୍ଦନ ଯାତ୍ରାର ମାହାତ୍ମ୍ୟ ଅନେକ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ବାମଦେବ ସଂହିତା ମତରେ ଏହି ଯାତ୍ରା ଦର୍ଶନକାରୀ ବିପୁଳଧନ ଓ ସୁଖ ପ୍ରାପ୍ତି ହେବା ସହ ଅନ୍ତକାଳରେ ହରିପଦ ପ୍ରାପ୍ତ ହୋଇ ବୈକୁଣ୍ଠପୁରକୁ ଗମନ କରିଥାଆନ୍ତି । 'ନୀଳାଦ୍ରୀ ମହୋଦୟ'ମତରେ ଚନ୍ଦନ ଯାତ୍ରାର ଗନ୍ଧଯାତ୍ରା, ଜଳକେଳି ଯେଉଁ ଭାଗ୍ୟବାନ ବ୍ୟକ୍ତି ଦର୍ଶନ କରନ୍ତି, ସେମାନଙ୍କ ପାପକ୍ଷୟ ଓ ସନ୍ତତି ବର୍ଦ୍ଧନ ହୋଇ ଶେଷରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ । ଚନ୍ଦନ ଯାତ୍ରାବସରରେ ଠାକୁର ମାନଙ୍କର ଚନ୍ଦନ ବିଲେପନ ଯେପରି ସନ୍ତାପ ହାରକ, ସେହିପରି ଚନ୍ଦନ ଯାତ୍ରା ଉତ୍ସବ ତ୍ରିତାପ ବିନାଶକ ବୋଲି ସ୍ୱୟଂ ଜଗନ୍ନାଥ 'ସ୍କନ୍ଦ ପୁରାଣ'ରେ କହିଛନ୍ତି ।

ଯଥା ସନ୍ତାପ ହରିଣଂ ଚନ୍ଦନେନାନୁ ଲେପନମ୍
ତଥୋତ୍ସବୋଽୟଂ ମେ ଅଂତ୍ୟତ୍ର ସନ୍ତାପ ତ୍ରୟନାଶନଃ ।

ଶ୍ରୀ କ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପାଳିତ ଚନ୍ଦନ ଯାତ୍ରା କେବଳ ଆମୋଦ ଦାୟକ ନୁହେଁ, ପାପନାଶନ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ ମାଧ୍ୟମ । ଏଣୁ କବି ଲେଖନୀରୁ ସୃଷ୍ଟି ହୋଇଛି;

ଶ୍ରୀ କ୍ଷେତ୍ରେ ଚନ୍ଦନ ଯାତ୍ରା ବଡ ମନୋରମ
ପାପ ତାପନାଶ ପାଇଁ ଉତ୍କୃଷ୍ଟ ମାଧ୍ୟମ ।

ପୋଖରୀଆ ସାହି, ପୁରୀ

# କୁନି: ଅଭାଗିନୀ ଟିଏ

ଦୁଆର ମୁହଁରେ ବୋହୁର ସବାରୀ ଲାଗିଲାଣି, ଘରର ମାଇପେ ସବୁ ଗଲେ କୁଆଡେ ବୋଲି ଚିଲ୍ଲେଇ କରି କହିଲେ ହରି ମଉସା । 'ହଇରେ ଟୁନା, ଏ କାଳିଆ ତୋ ବୋଉ କୁଆଡେ ଗଲା କି ରେ? ଆରେ ଡାକ ତାକୁ, ତୋ ଭାଉଜ ପରା ଆସିଲେଣି । ଦୁଆର ମୁହଁଟାରେ ଏମିତି ଠିଆ ହେଇଥିବ ନା କ'ଣ ଭୂଆସୁଣୀଟା ।' ସବାରୀ ଭିତରେ ବସି କାନି ଓଦାକରି ଦେଇ କାନ୍ଦୁଥିଲା, କୁନି । ଧାଇଁ ଧପଡି ହରି ମଉସା ଡକାହକା କରି ମାଇପି ମାନଙ୍କୁ ଏକାଠି କଲାଭିତରେ ଗାଁ ଦାଣ୍ଡରେ ଅଧା ସ୍ତ୍ରୀଲୋକ ଭିଡ କରି ସାରିଲେଣି । ସେଇଠୁ ମହାନ୍ତି ଘର ବୁଡୀ କହିଲା ଆଲୋ ହୁଳୁହୁଳୀ ଟିକେ ଦିଅଲୋ । ଗାଁ ଦାଣ୍ଡରେ ହୁଳୁହୁଳୀ ପଡିଲା । ସଞ୍ଜବେଳଟାକୁ ସବାରୀରୁ ଓହ୍ଲେଇ ଘରକୁ ଗଲା କୁନି । ଗାଇଗୋବର ଲିପାଘରେ ସଅପଟେ ପକେଇ ବସାଇ ଦିଆଗଲା । ସଅଳୁ ସେ ଗୋବର ଗନ୍ଧ ବାଜିଲେ ବାନ୍ତି କରିବାଲୋକ, ନାକକୁ କାନିଭିତରେ ଚିପିଧରି ବସି ରହିଲା । ବାପଘରୁ ଅଣାହେଇଥିବା ପଲଙ୍କ ପକାଇଦେଲା ପରେ ଅଧରାତିକୁ ବୋହୁକୁ ପଲଙ୍କ ଉପରକୁ ପଠାଇ ଦିଆ ଗଲା । ପଲଙ୍କ ଉପରେ ଅଣ୍ଟା ସଳଖୁ ସଳଖୁ ସବାରୀରେ ବସି ଆସିବାର ମଜା ବାହାରି ପଡିଲା । ଅଣ୍ଟାରେ ପବନ ଲାଗି ଅଟକି ଗଲା ଯେ ଯେତେ ମୋଡି ହେଲେ ବି ଆଉ ସିଧା ହେଲାନି । ନୂଆ ନୂଆ ବୋହୁଟାଏ କେମିତି ବା ମୁହଁଖୋଲି

VISIT US ONLINE
www.aahwaan.com
We also Offer Web Development Services

କହିବ ଅଣ୍ଟା ଲାଗିଛି ବୋଲି। ସୁଆଗି ନଣନ୍ଦ ଆସି ଭାଉଜର ନୂଆରୂପ ଦେଖି ଭଲମନ୍ଦ କଣ ପଚାରିବ, କୋଠରୀରୁ ବାହାରି ଧାଇଁଲା, ପାଟି କରି କହୁଥିଲା, 'ବୋଉଲୋ ଆ ଦେଖିବୁ ତୋ ବଡ ଘର ବୋହୁ କଣ କରୁଛି। ବାହା ହେଇକି ଦିନଟେ ହେଇନି ନାଚ କରୁଚି।' କୁନି ଲାଜରେ ବସିବାକୁ ଚେଷ୍ଟାକଲା, ହେଲେ ଅଣ୍ଟାରେ ପବନ ଲାଗିଥିଲା ବୋଲି ବସିପାରିଲା ନାହିଁ। ଅଗତ୍ୟା କୋଠରୀ ଭିତରକୁ ଆସୁଥିବା ଶାଶୁଙ୍କୁ ସବୁକଥା କହିଲା। ଶାଶୁତା'ର ହସି ହସି ଗଡିପଡିଲେ। ଯା'ହେଉ କୁନିକୁ ଆଉ ଲାଜ ଲାଗୁନଥିଲା। କାଛ ଫରୁଆରେ ଥିବା ମଇଲମ ଆଣି ଶାଶୁତା'ର ନିଜ ହାତରେ ତା ଅଣ୍ଟାରେ ଘଷିଦେଲେ, ଯେ କେତେବେଳେ ତାକୁ ନିଦ ହେଇଗଲା ସେ ଜାଣିପାରିଲା ନାହିଁ।

ଭୋର ପାହାନ୍ତି ଚାରିଟା ବେଳକୁ ଶାଶୁ ଆସି କବାଟ ମାରିଲେ। କୁନି ଶେଯରୁ ଉଠି ବାହାରକୁ ଗଲାପରେ ଅନ୍ଧାରରେ ହିଁ ଗାଧୁଆପାଧୁଆ ସାରିଦେଇ ପୁଣି ଆସି ସେଇ କୋଠରୀରେ ବସାଇଦେଲେ। ବାଡିରେ କୂଅ ପାଖରେ ଗାଧୋଇଲା ବେଳେ କୁନି ଦେଖିଥିଲା, କୂଅ ସେପାଖରେ ଗଛରେ ମୁଠା ମୁଠା ଜାମୁକୋଳି ଭର୍ତ୍ତି ହେଇଛି। ସକାଳ ସାତଟା କି ଆଠଟା ଯାଏଁ କାହାର ଦେଖାନାହିଁ। ଆଉ ରାତିରେ କିଛି ଖାଇବା କଥା ସେ ଭୁଲିଯାଇଥିଲା। କାଲି ଦିନସାରା ଉପବାସ କରିଥିଲା, ବୋଲି ପେଟମୋଡି ଭୋକଟା ଆରମ୍ଭ ହୋଇଗଲା। କୋଠରୀର ଝରକା ଦେଇ ବାହାରକୁ ଦେଖିଲା, ସବୁ ଲୋକ ଖାଲି ଏପାଖ ସେ ପାଖ ହେଉଛନ୍ତି ସିନା, ତା'ପାଖକୁ କେହି ଆସୁନାହାନ୍ତି। ଶେଷରେ ପିଲାଟାଏକୁ ଦେଖି ସେ ଝରକା ଏପାଖେ ରହି ଠାରି କରି ଡାକିଲା। ସେ ବି ଝରକା ପାଖକୁ ଆସି କ'ଣ ବୋଲି ପଚାରିବା ବେଳକୁ ପଛରୁ ଆସି ସେଇ ନଣନ୍ଦ କହିଲା, 'ବୋଉଲୋ ଦେଖେ କାଲି ବାହା ସରିନି, ତୋ ବୋହୁ କେମିତି ଆଜି ନିଜ ବରକୁ ଠରାଠରି କରି ପାଖକୁ ଡାକୁଚି।' 'ବର' କୁନି ଚମକି ପଡିଲା। ସେ ଯେ ବାହା ହେଇଯାଇଚି ଜାଣିଥିଲା, ହେଲେ ବରଟା କେମିତି ଦେଖିନଥିଲା। ଲାଜରେ ମୁହଁରେ ଓଢଣାଦେଇ କୋଠରୀ ଭିତରକୁ ଚାଲିଗଲା। ହରି ମଉସା ବାହାରେ ରହି ନଣନ୍ଦକୁ ପାଟି କରୁଥିଲେ। କହୁଥିଲେ, 'ଏଇ ବୋହୁଟାକୁ କିଏ କ'ଣ ଖାଇବାକୁ ଦେଲ ନା ନାହିଁ? କାଲି ଦିନସାରା ଝିଅଟା ଉପାସରେ ଥିଲା। ହଇଲୋ ଏ ଏ ବାୟାଣୀ, ଭାଉଜ ପାଇଁ ଦୋଭଜା ଦି'ଟା ନେଇ ଦେଉନୁ। କାଲି ତ ଘରେ ପସିଲା ବେଳକୁ ବେସି ନାଟ ହାଟ କାଡୁଥିଲୁ, ନଣନ୍ଦପୁଟୁଳି ନ ଦେଲେ ଛାଡିବିନି ବୋଲି କହି ନାଟେଇ ହେଉଥିଲୁ।'

ଯା'ହେଉ ହରି ମଉସାଙ୍କ ଦୟାରୁ ଗିନାଏ ମୁଡି ଆଉ ଗୋଟେ ଆଡିଶା ପିଠା ଖାଇବାକୁ ମିଳିଲା। କୁନି ସେତକ ଚଟାପଟ୍ ସାରିଦେଇ, ସେଇ କୋଠରୀରେ ବସିଥିଲା। ଦି ପହର ବେଳକୁ ତା' ଆଖି ଲାଗିଯାଇଥିଲା ଯେତେବେଳେ, ତା'କୁ ଦେଖିବା ପାଇଁ ଲୋକଙ୍କ ସୁଅ ଛୁଟିଲା। ଜଣକୁ ଜଣକୁ ଅଣ୍ଟା ନୁଆଁଇ ମୁଣ୍ଡିଆ ମାରୁ ମାରୁ ଆଉଥରେ ତା' ଅଣ୍ଟାରେ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ପବନ ଅଟକି ଯାଇଥିଲା। ଅଗତ୍ୟା ଠିଆହୋଇ ରହିବା ଭଲ ବୋଲି ସେ ଉଚିତ୍ ମଣି ନେଇଥିଲା। ଦିପହରର ଖାଇବାରେ ଭାତ ଡାଲି ଆଉ ଆଳୁ ଭଜା ସହିତ ଆଚାର ଟିକେ ମିଳିଲା। ଭୋକ ହେଉଥିଲା ତ ସୁଆଦ କଣ ଆଉ ଜାଣିନି ସବୁ ଗିଳିଯାଇଥିଲା। ଅବଶ୍ୟ ନଣନ୍ଦ ତା' ଖାଇବାକୁ ଖୁଣି ଦେଇଥିଲା ସତ ମାତ୍ର ସେ ସେଥିପ୍ରତି ଧ୍ୟାନ ଦେଇନଥିଲା।

ସଞ୍ଜବେଳକୁ ପୁରୋହିତେ ଆସି କ'ଣ ସବୁ କର୍ମ କରିଦେଇଗଲେ। ଏମିତି ତିନିଦିନ ଧରି ଚାଲିଲା। ଚଉଠି ରାତିପାଇଁ ହୋମକର୍ମ ହେଲାପରେ ନଣନ୍ଦ ଆସି ଚିଡେଇ କରି ଭାଉଜର ଗାଲରୁ ପୁଳାଏ ମାଂସ ନେଇଯାଇଥିଲା ସତେ। କୁନି ଲାଜ କରିବା ଅଭିନୟ କରିଥିଲା, ମାତ୍ର କାହିଁକି ସବୁ ଏମିତି ତା' ସହିତ ବ୍ୟବହାର କରୁଛନ୍ତି ଜାଣିନଥିଲା। ସେ ରାତିରେ ସେ ଏକା ପଲଙ୍କରେ ଶୋଇନଥିଲା, ପାଖରେ ତା' ସ୍ୱାମୀ ଶୋଇଥିଲା। ରାତିରେ ଭୋଜିଭାତ ସରିବାପରେ ପ୍ରାୟ ରାତି ଅଧବେଳକୁ ବରପିଲାକୁ ଆଣି ସେ କୋଠରିରେ ଛାଡି ଦିଆଯାଇଥିଲା। କୁନି ଲାଲ କରିବ ନା ନାହିଁ ଭାବୁ ଭାବୁ, ବରପିଲା ଶୋଇଯାଇଥିଲା। ସକାଳୁ ଉଠିଲେ ଶାଗ ଆଉ ମାଛ ରୋଷେଇ କରିବାକୁ ହେବ ବୋଲି ଶାଶୁ ଦେଇଥିବ କଡା ତାଗିଦ୍ ତାହାର ମନେଥିଲା। ତେଣୁ ସେ ବି ଶୋଇପଡିଥିଲା।

ଶାଗ ଆଉ ମାଛ ଧରି ମାମୁଁ ଆସିଥିଲେ। କଟାକଟି ସରିଲାପରେ ନୂଆବୋହୁ ରୋଷେଇ କରିବ ବୋଲି ନଣନ୍ଦ କହିଦେଇଥିଲେ ସୁଦ୍ଧା ଶାଶୁ ତା'ର ରୋଷେଇଘରେ ରହି ସବୁ କରିଦେଇଥିଲେ। ଦିପହରକୁ ସବୁ ବୋହୁ ହାତରନ୍ଧା କହି ଖାଇଥିଲେ। ଦେଖୁ ଦେଖୁ ସାତଟା ଦିନ କେମିତି ବିତିଗଲା। ବନ୍ଧୁ ବର୍ଗ ଯେ ଯୁଆଡେ ସବୁ ଚାଲିଗଲେ। ଘର ଖାଁ ଖାଁ ଲାଗିଲା। ଓଢଣାକୁ ସାମାନ୍ୟ ଉପରକୁ ଉଠାଇବାର ସ୍ୱାଧୀନତା ମିଳିଥିଲା। ଗାଁ ସ୍କୁଲ୍‌ରେ ସପ୍ତମ ଶ୍ରେଣୀରେ ପଢୁଥିଲା କୁନି, ଯେତେବେଳେ ତା' ବାହାଘର ଠିକ୍ ହୋଇ ଯାଇ ଥିଲା। ବାପା ଆସି ଘରେ କହୁଥିଲେ, ବର ପିଲାଟା ମାଟ୍ରିକ୍ ପଢିଲାଣି। ଜମିବାଡି ଟିକେ ଅଛି। ଗରିବ ହେଲେ ବି ସଂସ୍କାରି ଘର ଟା। ଶାଶୁ ଶଶୁର ତ ଦେବତା। ବାସ କୁନି ମନେ ମନେ ଖୁବ୍ ଖୁସି ହେଇଥିଲା। ଦିନ ଦଶଟାରେ ବାହାଘର ହେଇଗଲା। ଏବେ ନୂଆଘରେ ନୂଆବୋହୁ ସେ। ଶାଶୁତା'ର ବେଶି ଭଲ ବୋଲି ଚିଠି ଲେଖିଲା ଘରକୁ। ହରି ମଉସା ହକା ହାତରେ ଚିଠିଟା ଗାଁକୁ ପଠାଇ ଦେଇଥିଲେ। ବୋହୁ ଚିଠି ଲେଖି ପାରୁଚି ବୋଲି ଶାଶୁ ତା'ର ଖୁସିରେ ଫାଟି ପଡୁଥିଲା।

ପନ୍ଦର ଦିନ ହେଲାବେଳକୁ ଘରେ ଆଉ ଓଢଣା ଦେବାକୁ ପଡିଲା ନାହିଁ, ଘରର ବଡ ବୋହୁ ବୋଲି ସବୁ ପ୍ରକାର ସ୍ୱାଧୀନତା ବି ମିଳିଗଲା। ତା ମନ କିନ୍ତୁ ଥିଲା ବାଡିରେ ଥିବା ସେଇ ଜାମୁକୋଳି ଗଛରେ। ଜାମୁକୋଳି ଦି'ଟା ଖାଇବାପାଇଁ ନଣନ୍ଦକୁ କେତେ ନେହୁରା ହେଇ ସେ କହିଲା ପରେ ଦିନେ ଦିପହର ବେଳକୁ ଶାଶୁ ଘୁମେଇ ଥିବା ବେଳକୁ ଭାଉଜ ନଣନ୍ଦ ଦି'ଜଣ ବାଡିପଟ ଜାମୁକୋଳି ଗଛ ଉପରେ ଚଢିଥିଲେ କୋଳି ଖାଇବା ପାଇଁ, ଦୁର୍ଭାଗ୍ୟକୁ ସେଇ ସମୟରେ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ବଡ କରଣେ ସେ ରାସ୍ତାରେ ଯାଉଥିଲେ, ତା'ଙ୍କ ନଜର ପଡିଗଲା କୁନି ଉପରେ। ଅବଶ୍ୟ ଶାଶୁ ପରେ କିଛି କହି ନଥିଲେ। ହରି ମଉସା କିନ୍ତୁ ଟିକେ ବିଗିଡି ଯାଇଥିଲେ, ମାତ୍ର କୁନି କୁ କିଛି କହିନଥିଲେ। ଯାହା ନଣନ୍ଦ ଉପରେ ଦାଉ ସାଧିଲେ। ମାତ୍ର କୁନିର ବହୁ ଦିନର ଅଭିଳାଷ ପୁରଣ ହୋଇ ସାରିଥିଲା।

ବାହା ହେବାର ଚାରିମାସ ବିତିଗଲାଣି, କୁନି ଏବେ ବି ପୂର୍ଣ୍ଣ ସ୍ୱାଧୀନତାର ସ୍ୱାଦ ଚାଖି ନଥିଲା। ଘରେ କିନ୍ତୁ କିଛି କାମଧାମ କରିବାକୁ ପଡୁନଥିଲା। ମାତ୍ର ଏକା ଏକା ଘରଟା ଭିତରେ ବସି ବସି ଅଣ୍ଠା ଲାଗି ଗଲାଣି। ବାପା ବୋଉ କଥା ମନେପଡୁଛି। ଦିନେ ଭାରି ସାହସ କରି ବରପିଲାକୁ କହିଲା, ନିଜ ଘରକୁ ଯିବାପାଇଁ ଇଛା ହେଉଛି ବୋଲି। ଦି ଦିନପରେ ହରି ମଉସା ଶଗଡ ବ୍ୟବସ୍ଥା କରିଦେଲେ, ସକାଳୁ ଯାଇ ସଂଜକୁ ଫେରି ଆସିବାକୁ କହିଦେଲେ। ଚାରିମାସ ପରେ ବାପାବୋଉକୁ ଦେଖି କୁନିର ଆଖି ଓଦା ହୋଇଆସିଲା। ମାତ୍ର ଝିଅର ଥାଟ୍ ଦେଖି ବାପା ଭାରି ଖୁସି ହେଲେ। ସେଦିନ ଘରେ ଖିଆପିଆ ଚାଲିଲା। ନୂଆ ନୂଆ ଜ୍ୱାଇଁଙ୍କ ପାଇଁ ରୋହି ମାଛ, ଗଣିଆ ମାଛ, ଆଉ ଚିଙ୍ଗୁଡିର ଧାଡି ଲାଗିଲା।

ରାତିରେ ଘରକୁ ଫେରିବା ବାଟରେ ଅଘଟଣ ଘଟିଲା। ଶଗଡରେ ବନ୍ଧା ବଳଦ ଦି'ଟା ହଠାତ୍ ବେକାବୁ ହୋଇଉଠିଲେ। ଶଗଡ ଉପରେ ବସିଥିବା ବରପିଲାଟା ତଳେ ଦୁମ୍ କରି ପଡିଗଲା। ଶଗଡିଆ ତାକୁ ଉଠାଇବାକୁ ଚେଷ୍ଟା କରୁଥିବା ସମୟରେ ବରପିଲାର ଚେତା ବୁଡି ଯାଇଥିଲା। ସାତଦିନ ଅଚେତ ରହିବାପରେ ବରପିଲା ଆଖି ବୁଜିଦେଲା। ଚଉଦ ବର୍ଷ ବୟସ ହୋଇନି କୁନି ବିଧବା ହୋଇଗଲା। ପିଲାପିଲି ତ ହୋଇନଥିଲା। ହରି ମଉସା ନିରବ ହୋଇଗଲେ, ଆଉ ତା'ଙ୍କ ପାଟି ଶୁଭୁନଥିଲା। ଗୋଟେବୋଲି ପୁଅ ମରିଗଲା ଯା'ର ସେ କ'ଣ କରିବ। ଶାଶୁ ତା'ର ଏକଅଙ୍ଗି ବାତରେ ପଡିଗଲେ। ନଣନ୍ଦଟାକୁ ଯେନତେନ ବାହା ଦେଇ ଘର ଟା ଶ୍ମଶାନ ହୋଇଗଲା।

କୁନି ମୁଣ୍ଡରେ ସବୁ ବୋଝ। ଘରେ ଶାଶୁଙ୍କ ସେବା, ଶଶୁରଙ୍କ ସୁଶୃଷା, ଗାଇ ଗୁହାଳ କଥା, ଚଷାବାସ କଥା, ଘର ଦୁଆର ନିର୍ମଳ କରିବା ଆଉ କେତେ କ'ଣ? ବୟସ କ'ଣ ଅଟକି ରହେ। ବର ଯିବାର ବରଷେ ହେଲାଣି। ହରି ମଉସା ଏବେ ଧିରେ ଧିରେ କାମଧାମରେ ଧ୍ୟାନ ଦେଲେଣି, ଶାଶୁଙ୍କ ଦେହ ବି ଟିକେ ଟିକେ ଭଲ ହେଇ ଆସିଲାଣି। କୁନି ଦିହ ଶୁଖି ପତଳା ହେଲାଣି। ସଞ୍ଜବେଳଟାରେ ଦୀପ ଜାଳିଲା ବେଳକୁ ଦୁଆର ପାଖରେ ଯାଉଥିଲା ନଖୀ (ଲକ୍ଷ୍ମୀ) ନାନିର ଦୃଷ୍ଟି ପଡିଲା କୁନି ଉପରେ ଯେ ଘଡିଏ ଅଟକିଯାଇ କହିଲା, 'ଇ ମାଁ ଭୂଆସୁଣୀଟା ଏମିତି ବୁଢୀପରିକା ଦିଶୁଛି? ହେ ବିଧାତା କିସ ନ ଦେଖେଇଲୁ ହେଲେ।' ପୋଖରୀ ଆଡୁ ଫେରୁଥିବା ହରି ମଉସା କାନରେ କଥାଟା ପଡିଲା, ସେ ବି ଟିକେ ନିରେଖିକରି କୁନିକୁ ଚାହିଁଲେ। ବୟସ କେତେ ହେବ, ହେଉ ହେଉ ବାର କି ତେର ବର୍ଷ। ଏଇଟା ଗୋଟେ ବୟସ ଏତେ କାମଧାମ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

କରିବାର। ରାତିରେ ଚୁଲିଶାଳରେ ଖାଇବସିଲା ବେଳକୁ ହରିମଉସା ଆଉ ଶାଶୁ ଟୁପୁରୁ ଟାପୁରୁ ହେଉଥିଲେ। କୁନି କାନେଇଲା ନାହିଁ।

ଦିନେ ପରେ ଯାଇ କୁନିର ଘରୁ ତା'ବାପା ଆଉ ବୋଉ ଫେରାଦ ହୋଇ ଆସିଥିଲେ। କୁଆଡେ ହରି ମଉସା ଡକାଇଥିଲେ। ଦିପହର ଖାଇବାବେଳେ ହରି ମଉସା କହିଲେ, 'ସମୁଦି, ମୁଁ ଯାହା କହିବି ଟିକେ ଧ୍ୟାନ ଦେଇ ଶୁଣିବ। ଅବଶ୍ୟ କଥାଟା କାନକୁ ଟିକେ ବାଧିପାରେ, ମାତ୍ର ଯାହା ଉଚିତ ବୋଲି ଭାବୁଚି କହି ଦେଉଛି। ବାକି ଆପଣ ଏତେ ଜାଣିବାର ଲୋକ, ଯାହା ଠିକ୍ ଭାବିବେ କହିବେ।' କୁନି ନନା କିଛି ବୁଝି ପାରୁନଥିଲେ, ହରି ମଉସା କହିଲେ, 'ଏଇ ଆମ କୁନି ବୟସ କେତେ ହେବ ଏଇ ପାଖାପାଖି ବାର କି ତେର ବରଷ। ଏମିତି ରାତିଦିନ ଖଟି ଖଟି ଅଧା ହେଇଗଲାଣି। ଆମେ ବାପାମା' ନୋଇଲେ ସୁଧା, ଶାଶୁଶ୍ୱଶୁର ହେଇକି କେତେ ଦୁଃଖ ଆଉ ତା'ର ଦେଖିବୁ? ପୁଅ ତ ଅକାଳରେ ଗଲା, ଭଲା ଇଏ ପିଲାଟା କାହିଁକି ଜୀବନଟା ଏମିତି ବିତାଇଦେବ। ଆମେ ଦି'ପ୍ରାଣୀ ବୁଡାବୁଡୀ ହେଲୁଣି, କେବେ ଜୀବନ ଯିବ କିଏ ଜାଣିଛି, ହେଲେ ପିଲାଟାର କ'ଣ ହେବ ସେଇ କଥା ଚିନ୍ତା କରି କରି କିଛି କୂଳବାଟ ପାଉନୁ।' କୁନି ନନା କହୁଥିଲେ, 'ଆମେ ଆଉ କ'ଣ କରିପାରିବା। ଦୁଆର ଡେଇଁଲା ପରେ ଝିଅ ତ ଆଉ ଆମର ହେଇ ରହିଲା ନାହିଁ, ବାକି ତା' ଭାଗ୍ୟରେ ଯାହା ଥିବ ହେବ।'

ହରି ମଉସା ଭାରୀ ବିଚଳିତ ହୋଇ କହିଲେ, 'ଭାଗ୍ୟ କହିଲେ କ'ଣ ହେବ। ସେ କ'ଣ ଆଉ ସ୍ୱାମୀ ସୁଖ ପାଇବ ନା ଘର ସଂସାର କରି ପାରିବ। ମାତ୍ର ଥରେ ଖାଲି ଭାବି ଦେଖ, ଯଦି ଆମେ କୁନିକୁ ଆଉଥରେ ହାତକୁ ଦି ହାତ କରିଦେଇ ପାରିବା, ତେବେ ତା' ଜୀବନ ସୁଧୁରି ଯିବନି।' କୁନି ନନା ଆଁ କରି ହରି ମଉସାଙ୍କୁ ଚାହୁଁଥିଲେ। 'ବିଧବାଟାକୁ କିଏ ବାହା ହେବ?' କୁନି ବୋଉ କାନିତଳୁ କହିଲା।

ଶାଶୁ ତା'ର କାନିରେ ଲୁହ ପୋଛି ପୋଛି କହିଲେ, ଦେଖିବା ଯଦି କିଏ ବିଧୁର ଥାଏ ତେବେ ଦେଇଦେବା। ଯା'ହେଲେ ବି ସେ ତା'ଘର ସଂସାର ତ କରି ପାରିବ! କୁନି ବାପା କହୁଥିଲେ, 'ମତେ କାହିଁ କଥାଟା ନିଆରା ଲାଗୁଛି। ଜାତିଭାଇ କ'ଣ କହିବେ? ମୋର ଆଉ ଦି'ଟା ଝିଅ ଅଛନ୍ତି, ତା'ଙ୍କୁ ବର ମିଳିବ?' ବେଳବୁଡାକୁ ବାପାବୋଉ ଯିବାକୁ ବାହାରିଥିଲେ। କୁନି ନିଜ ବଖରାରୁ ଆଉ ବାହାରକୁ ବାହାରିଲା ନାହିଁ। ବାପାବୋଉ ଯିବାକୁ ବାହାରିଲେ ଦେଖି ଶାଶୁ ତା'ର ଆସିଲେ ତା'କୁ ଡାକି ନେବାପାଇଁ। ଘର ଭିତରକୁ ଦେଖିଲା ବେଳକୁ କୁନିର ଗୋଡ ଦି'ଟା ଦିଶୁଥିଲା, ଖଟରୁ ତଳକୁ ଓହଳି ଥିଲା। ଉପରକୁ ଦେଖି ଶାଶୁ ତା'ର ଚିତ୍କାର କରିଥିଲେ, କୁନି ବାପା ମଥାରୁ ଝାଳ ପୋଛୁଥିଲେ, ହରି ମଉସା ଦୁଆର ମୁହଁରେ ଚେତା ହରେଇ ପଡିଗଲେ।

Call us to Send Advertisements on this Space:
09938517505 / 09861962160

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ବାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

# ଅକାଳ ମୃତ୍ୟୁ

ଓ ସହଦେବ ସ୍ୱାଇଁ

ମୃତ୍ୟୁ ଏକ ରହସ୍ୟମୟ ଶବ୍ଦ
ଏକ ରହସ୍ୟମୟ ଘଟଣା,
ଜୀବନର ଅନ୍ତ
ହୁଏତ ଏକ ନବଜୀବନର ଶୁଭାରମ୍ଭ।
ଯାହାର ଆରମ୍ଭ ଅଛି ତାହାର ଅନ୍ତ ସୁନିଶ୍ଚିତ
ମୃତ୍ୟୁ ସର୍ବଦା ଦୁଃଖଦ
ବିୟୋଗର ଦ୍ୟୋତକ
ଏବଂ ଅଶ୍ରୁଳ ପରିବେଶର ପର୍ଯ୍ୟାୟକ।
ଅକାଳ ମୃତ୍ୟୁ କିନ୍ତୁ ଅତୀବ ଦୁଃଖଦାୟକ
ସତେ ଯେମିତି ଏକ ଅଚାନକ ପରଦାପତନ
ଏକ ସୁନ୍ଦର ଅଭିନୟର ଅଚାନକ ଅନ୍ତ
କାମନା ବାସନାରେ ଭରା କାମାଗ୍ନିର ତୀବ୍ର ନିର୍ବାପନ
ଉଲ୍‌କାପାତ କିମ୍ବା 'ସୁନାମୀ' ଭଳି
ଅଚାନକ ଆବିର୍ଭାବ ଓ ପ୍ରସ୍ଥାନ
ପ୍ରସ୍ତୁତିର ଅଭାବ ଏବଂ ବିଦାୟ
ସମ୍ବୋଧନର ଅବକାଶ ନାହିଁ
ମନରେ ଭରିଦିଏ ଅଚାନକ ଦୁଃଖର ବେଦନା
ଚକ୍ଷୁରେ ଗଙ୍ଗା ଏବଂ ଯମୁନାର ଧାର
ସବୁ କିଛି ଶେଷ ଅଚାନକ
ଅଚାନକ ଝଡି ଯାଇଥିଲା
ଚିନ୍ତାଧାରର ନଦୀ ଅବିରତ ବହିଚାଲେ
ସ୍ମୃତିର ବାଲୁକା ଉପରେ ପାଦଚିହ୍ନପରି
କର୍ପୂର ଉଡିଗଲାପରେ ବାସନାଭଳି
ଧୂପକାଠିର ନିର୍ବାପନ ପରେ ସୁଗନ୍ଧପରି
ଜୀବନର କର୍ମଭୂମିରେ ଅର୍ଜିତ ପୂଣ୍ୟପରି
ହେ ସ୍ୱର୍ଗବାସୀ, ତୁମ ଜୀବନର ପ୍ରତିଟି ଶ୍ୱାସରେ
ପରୋପକାରର ଯେଉଁ ତୀବ୍ର ଇଚ୍ଛା
ତାହାକୁ ସ୍ମରଣ କରି
ମୁଁ ଆଜି ସେହି ଅନନ୍ତ ଶକ୍ତିର କରେ ବନ୍ଦନା
ଆ ତୁମର ଚଲାପଥେ ପୁଷ୍ପବୃଷ୍ଟିର
କରେ ଶୁଭକାମନା ଏବଂ ପ୍ରାର୍ଥନା।

(ଏକ ସୁନ୍ଦର ଜୀବନର ଅଚାନକ ବିୟୋଗରେ ବ୍ୟଥିତ କବିର କବିତା ସେଇ ମହାନ ଆତ୍ମାର 'ବନ୍ଦନା' ପାଇଁ ଉତ୍ସର୍ଗୀକୃତ)

# ଆତ୍ମହତ୍ୟା

ମୁଁ ଶୋଇଥିଲି
ସେ ଚାଲିଗଲା ପରେ ଆଖି ଖୋଲି
ଦେଖିଲି ସେ ନାହିଁ
ଏପାଖେ ସେପାଖେ ଘନ ଅନ୍ଧକାର
ଦୂରରୁ କିନ୍ତୁ ଦିଶୁଛି
ଆଲୋକର ଅବକାଶ

VISIT US ONLINE
www.aahwaan.com
We also Offer Web Development Services

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଯିବି କିବା ଦଉଡି
ଦେଖିବି ଆଲୋକରେ କେତେ
ଜୀବନ୍ତ ମଣିଷ
ନାଁ ଲାଗୁଛି ଭାରି ଭୟ
କାଳେ କେହି ଥିବ ସେଠି ନକ୍ସଲା ବା ଗରିଲା
ସକାଳର ପଦଧ୍ୱନୀ ହେଉଛି ନିକଟତର
ଅଧାଖୋଲି ଆଖିରେ ମୁଁ ଦେଖୁଛି
ତଥାପି ଦିଶୁଛି ଅନ୍ଧାର
ନାଲି ନାଲି ଦିଶିଲାଣି ପୂରୁବର ଆକାଶ
ଦୂରରୁ ତଥାପି ଦିଶେ ଆଲୋକର ପରଶ
ମୁଣ୍ଡଟେକି ଦୁଇପାଖେ
ଦେଖିଲି ମୁଁ ହାତ ଗୋଡ କଟା
କୁତ କୁତ ମଣିଷ
କାହାର ରକ୍ତରେ ମୋର
ପୋଷାକରେ ଆର୍ଦ୍ରତା
ଜାଣେନା କାହିଁକି ପୁଣି ମୁଁ ଏଠାରେ
କିଏ ମୋର ପରିଚିତ
କିଏ ମୋର ଅଜଣା
ପାଦଚିପି ଚିପି ପାଣି କୂଳରେ
ମୁହଁରେ ଦେଇଛି ଟିକେ
ତୋକେ ମୁଁ ପାଣିକି
ହାତେ ଦୂରେ ପଡିଥିଲା ମୁଣ୍ଡଟିଏ
ଦେଇଥିଲା ନକ୍ସଲ ତା' ହାଣିକି
ବାନ୍ତି କରୁ କରୁ ମୋର ଆବାଜରେ ବଇରୀ
ଦଉଡି ଆସିଲେ ପଲେ ହାତେ ଧରି
ବନ୍ଧୁକ
ନିଜ ହାତେ ଶୀରାକାଟି
ପଡିଛି ମୁଁ ନିସ୍ତେଜ
ମୃତ୍ୟୁକୁ ମୁଁ ହରାଇଛି
ନିଜେ କରି ସଉଜ
ଆଜି ପରା ସାବିତ୍ରୀ ଅମାବାସ୍ୟ ଦିବସ
ମୋ ସ୍ତ୍ରୀ କାଳେ ସଜାଉଥିବ ଚଢୁଆ
ଭଗବାନ ଆର ଜନ୍ମେ କର ପଛେ ଶ୍ୱାନ
ପୋଲିସ କରିବ ନାହିଁ ଏହା ମୋର ଜଣାଣ

(ନକ୍ସଲ ଉପଦ୍ରୁତ ଅଞ୍ଚଳରୁ ପ୍ରାଣ ବଞ୍ଚାଇ ଫେରିଥିବା ପୋଲିସ କର୍ମୀଙ୍କ ଆତ୍ମକଥା)

## କୁନା ବାପା ଫେରାର୍

କୁନା କାନ୍ଦୁଛି, ବୋଉ ତା'ର ଗରଗର ହୋଇ ମାଟି ହାଣ୍ଡି ତଳେ ଓଦା କାଠ ଦିଟା ପକାଇ ନିଆଁ ଲଗାଇବାକୁ ଚେଷ୍ଟା କରୁଛି। ଦୁଆର ପାଖରେ ଠିଆ ହେଇଥିବା ଗାଇ ଦି'ଟା ବି ହମ୍ବା ହମ୍ବା ରଡି ଛାଡୁଛନ୍ତି। ଚଷା ଆସି ବିଲକୁ ଯିବ ବିହନ ଦିଅ ବୋଲି କହୁଛି। ଏକା ଏକା ସ୍ତ୍ରୀ ଲୋକଟା କେତେ କାମ କରିବ ବୁଝି ପାରୁନି। କ'ଣ କରିବ ଦି ରୋଜ ହେଲାଣି

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ଗେରସ୍ତ କୁଆଡେ ଯାଇଛି ଯେ ଆସିନି। ଗଲାବେଳେ କହୁଥିଲା ପାଖ ଗାଁ ନାନୀ ଘରକୁ ଯିବ। କେବେ ତ କୁଆଡେ ଯାଏନି, ଯିବ ବା କେମିତି ଯେବେଠୁ ବିଭା ହେଇଛି, ମାଇପିଟା କୁଆଡେ ଯିବାକୁ ଦେଇନି। ସବୁଲୋକ ସହିତ ବାଡ ପକେଇଦେଇଛି। କଥା କଥାରେ ଝଗଡା ବଚସା ନିତିଦିନା ଘଟଣା ହେଇଗଲା। କେବେ ମୁହଁ ଖୋଲି ମାଛି କୁ ମ' କହୁନଥିବା ଲୋକଟାର ଜୀବନକୁ ନଷ୍ଟ କରିଦେଲା ମାଇପିଟା। କି ବାହା ହେଲା ଭାଇବନ୍ଧୁ ଜ୍ଞାତି କୁଟୁମ୍ବ ସବୁଠୁ ଦୂର କରିଦେଲା। ମରଦ ଲୋକ ଘରୁ ବାହାରିଲେ ସିନା କ'ଣ କରିବ, ସବୁବେଳେ ତ ଘରେ ମୁହଁ ମାଡି ରହିଲା, ହେବ ଆଉ କ'ଣ? ସେ ଦିନ ସନ୍ଧ୍ୟାରେ ଘରୁ ବାହାରି ଗଲା ବେଳେ ବି କୁଆଡେ ଭାରୀ ବଚସା ହୋଇଥିଲା। ହେଲେ, ଏକ ମୁହଁ ହୋଇ ଘରୁ ବାହାରି ଗଲା କୁନା ବାପା ଯେ ଆଜି ଯାଏଁ ଫେରିନି। ସାହି ପଡିଶା ପଚାରିଲେଣି, ହେଲେ ମାଇପିର ତ ମୁହଁ ବଡିଆ, କହିଲା, ଯୂଆଡେ ଯାଇଛି ଯାଉ, ବୁଲି ବୁଲିକି ଏଇ ଦୁଆରକୁ ଆସିବ ନା। କେଡେ ବହପ ସତେ, ହେଲେ କିଏ କଣ କରିବ। ତା' ଘର କଥା ସିଏ ବୁଝିବ। ଭଲ ହେଇଛି ମରଦଟା ତା' ବାଡ ଡେଇଁ ପଳାଇଲା, ନଇଲେ ଦିନ କେତେଟାରେ ସେ ଏମିତି ଏମିତି ପାଗଳ ହେଇଯାଆନ୍ତା।

ତିନି ଦିନ ହେଲାବେଳକୁ କୁନା ବୋଉକୁ ପାପ ଛୁଇଁଲା, ଏକା ଏକା ମୁହଁ ସଞ୍ଜଟାରେ ବାହାରିପଡିଲା। କୁନାକୁ ହାତରେ ଧରି ଗାଁ ନଇ ପାର ହେଇ ନାନୀ ଗାଁରେ ପହଞ୍ଚିଲା ବେଳକୁ ଅନ୍ଧାର ଆସିଲାଣି। ନାନୀ ଟିକେ ଥମ ଥମ ହେଇକି ନୁଆଁ ବୋଉକୁ ଘରକୁ ନେଲା। ସିଏ ତା' ଗୁଣ ଜାଣିଛି, ସେ କେମିତି ବା ତାକୁ ଘରେ ପୁରେଇ ଦେଇଥାନ୍ତା। ଯା'ହେଉ ଓଳଗି ହେଇ ଗେରସ୍ତ କଥା ପଚାରିବାପରେ ନାନୀ ସିଧା କହିଦେଲା, ସିଏ ତ ଏଇଠାକୁ ଆସିନି। କୁନାବୋଉର ମୁହଁ ବୁଲେଇ ଦେଲା, ସେଇଠି କଚାଡି ହେଇ ପଡିଗଲା। ନାନୀ ଭୟରେ ଘର ଭିତରକୁ ଯାଇ ପାଣି ଆଣି ମୁହଁରେ ଛାଟିଲା। ହୋସ ଆସିଲା ଯେମିତି ନାନୀ ଶଗଡିଆକୁ ଡାକି ଭାଉଜକୁ ଘରକୁ ଫେରାଇ ଦେଲା।

ଗାଁରେ ପହଞ୍ଚିଲା ବେଳକୁ ରାତି ହେଲାଣି। ରୋଷେଇ କଣ କରିବ, ପିଲାଟା ଉହଳ ବିକଳ ହେଇ କାନ୍ଦୁଛି। କୁନାବୋଉକୁ ବାଟ ଦିଶୁନି। ଧାଇଁଲା କାର୍ଜି ଘରକୁ, କହିଲା ମୋ ଗେରସ୍ତ କୁଆଡେ ପଳେଇଛି, ରାତି ଗଡିଲେ ଚାରିଦିନ ହେବ। କାର୍ଜିଏ ଚଷମା ପିନ୍ଧି କହିଲେ, ଆଉ ଚାରିଦିନ ହେଲା କ'ଣ କରୁଥିଲୁ? ଆଗରୁ କିଆଁ କହିଲୁନି। ନେହୁରା ହେଇ କହିଲା ପରେ କାର୍ଜିଏ କହିଲେ, ଥାନାରେ ଖବର ଦେବାକୁ ହେବ। ହେଲେ ତତେ ଯିବାକୁ ପଡିବ। ଏବେ ରାତି ହେଲାଣି, ଯା' କାଲି ସକାଳୁ ଦେଖିବା କ'ଣ ହେଇପାରୁଛି।

ସକାଳୁ ସକାଳୁ କୁନାବୋଉ ଥାନାକୁ ଗଲା ରିପୋଟ୍ ଲେଖାଇବ ବୋଲି। ହେଲେ ଥାନାର ବଡ ବାବୁ ତା'କୁ କେତେ କ'ଣ ପ୍ରଶ୍ନ ସବୁ ପଚାରି ପକାଇଲେ। ସେ ପୁଣିଥରେ ଦୁର୍ବଳ ହେଇ ମୁହଁ ବୁଲାଇବା ଭଳି ଲାଗିଲା ବେଳକୁ ଥାନା ବାରଣ୍ଡାରେ

VISIT US ONLINE
www.aahwaan.com
We also Offer Web Development Services

ବସିଥିବା କନେଷ୍ଟବଳ ଆସି କହିଲା, 'ଆଜ୍ଞା ଦି ଦିନ ତଳେ ଯୋଉ ଖଣ୍ଡିଆ ମାଳ ପାଖରେ ମଡଟା ମିଳିଥିଲା, ତା'ରି କଥା ପଚାରୁ ନାହିଁ ତ ଇଏ?' ମଡ କଥା ଶୁଣି କୁନାବୋଉର ହୋସ ଉଡିଗଲା। ପାଣି ପକାଇ ତାକୁ ଚେତା କରାଇବା ପରେ କନେଷ୍ଟବଳ ପାଖରେ ବସି ପଚାରୁଥିଲା, ତୋ ଗେରସ୍ତ ବୟସ କେତେ ଥିଲା, ଦେଖିବାକୁ କେମିତି ମାନେ ଉଚ୍ଚତା କେତେ, ରଙ୍ଗ କଣ ଥିଲା। କୁନା ବୋଉ କାନ୍ଦି କାନ୍ଦି ସବୁ ପ୍ରଶ୍ନର ଉତ୍ତର ଦେଇ ଚାଲିଥିଲା। ତେଣେ କନେଷ୍ଟବଳ ପଛକୁ ବୁଲି ଥାନାବାବୁଙ୍କୁ କହୁଥିଲା, ଆଜ୍ଞା ସବୁ ମିଶୁଛି, ଆମେ ତୁଚ୍ଛାଟାରେ ମଡଟାକୁ ଜଳେଇଦେଲେ। ଆଉ ଦିନଟେ ଅପେକ୍ଷା କରିଥିଲେ, ଇଏ ଆସି ନେଇଥାନ୍ତା, ତୁଚ୍ଛାଟାରେ ମଶାଣୀରେ ଦେଡଶ ଆଉ ପୁରୋହିତେ ଶହେ ନେଇଗଲେ।

ଥାନାବାବୁ ବି ଚିନ୍ତାରେ ପଡିଗଲେ, ତେଣେ ଥାନା ଗୁମସ୍ତା ଆସି ଥାନାବାବୁଙ୍କ କାନରେ କିଛି କହିଦେଇ ଚାଲିଗଲା। ଥାନା ବାବୁ ଟିକେ ସଜ ହେଇ କହିଲେ, 'ଯା' ହଜାରେ ଆଣି ଥାନାରେ ଦେ । ତୋ ସ୍ୱାମୀର ସତ୍କାର କରିଛୁ, ଖର୍ଚ୍ଚ ବାର୍ଚ୍ଚ ଯାହା ହେଇଚି ସବୁ ତୁ ଦେବୁ। ନୋଇଲେ ତୋ ସ୍ୱାମୀକୁ ମାରିଦେଇଛୁ ବୋଲି ରିପୋଟ୍‌ରେ ଲେଖିଦେବି।' କନେଷ୍ଟବଳ କହିଲା, 'ଦେଖେ, କେଡେ ସହଜରେ ସବୁ ହେଇଗଲା। ଗାଁରେ ମରିଥିଲେ, ଥାନା ବାବୁ ତଦନ୍ତ କରିଥାଆନ୍ତେ, ତୋ ସ୍ୱାମୀର ମଡକୁ ପୋଷ୍ଟମର୍ଟମ କରିଥାଆନ୍ତେ, ଡାକ୍ତର ଆଜ୍ଞା ହଜାରେ କି ଦି ହଜାର ନେଇଥାଆନ୍ତେ, ଆଉ ତୁ ବାର ଦୁଆର ଡେର ପିଣ୍ଡା ହେଇଥାନ୍ତୁ। ଏବେ ତୁ ଆରାମରେ ଘରେ ଥାଉ ଥାଉ ମଡ ସତ୍କାର ବି ହେଇଗଲା, କି ତୋତେ କା ପାଖରେ ଯାଇ ହାତ ପତେଇବାକୁ ପଡିଲା ନାହିଁ।'

କୁନାବୋଉ କିଛି ବୁଝିପାରିଲା ନାହିଁ, ମନେ ମନେ ଭାବୁଥିଲା କାର୍ଜିଏ ଥିଲେ କଣ ସାହାଯ୍ୟ କରିଦେଇଥାନ୍ତେ ପରା । କହିଲା 'ହଜାରେ ଟଙ୍କା କୁଆଡୁ ଆଣିବି ଆଜ୍ଞା ଗରୀବ ସ୍ତ୍ରୀ ଲୋକଟା। ସ୍ୱାମୀ ତ ରହିଲା ନାହିଁ।' ଥାନାବାବୁ ଭାରୀ ବିକଟାଳ ହସଟିଏ ଦେଇ କହିଲେ, 'ନୋଇଲେ ତୋତେ ଥାନା ହାଜତରେ ପକାଇ ଦେବି। ଦେଖିବା କୋଉ ବୋପା ତୋତେ ଏଇଠୁ ବାହାର କରିନେବ। ଦଫା ୩୦୨ ଲଗେଇଦେବି ଯେ ଚଉଦ ବରଷ ଜେଲରେ ବସି ଘଣା ପେଲୁଥିବୁ।' କାନଫୁଲ ଦି'ଟା କୁନାବାପା କିଣିଦେଇଥିଲେ, ହଜାରେ ପାଖାପାଖି ହେବ, ବାହାର କରି ଥାନାବାବୁଙ୍କ ଆଗରେ ଥୋଇ କହିଲା, 'ଆଜ୍ଞା ଏଇତକ ଅଛି, ନେଇଯାଆନ୍ତୁ।' ଥାନାବାବୁ କାନଫୁଲକୁ ଧରି ପରଖୁଥିଲେ, ସେ ଥାନାରୁ ବାହାରି ଗାଁକୁ ଆସିଲା।

ସପ୍ତାହକ ହେଇଗଲାଣି। କାର୍ଜିଏ ଯେତେ ପଚାରିଲେ ଥାନାରେ ରିପୋଟ୍ ଦେଲୁ ନା ନାହିଁ କୁନାବୋଉ ଚୁପ୍ ଥିଲା। ସେଇଠୁ କିଏ ଜଣେ ଗାଁରେ ଖବର ଦେଇଦେଲା ଯେ କୁନାବାପା ମରିଯାଇଛି। ଥାନାରେ କୁନାବୋଉ ଯୋଉଦିନ ରିପୋଟ୍ ଦେବାକୁ ଯାଇଥିଲା, ବାବୁଙ୍କୁ କାନଫୁଲ ଦେଇ ମୁକୁଳି ଆସିଲା। ସେଇଠୁ ସାହିପଡିଶାରେ ଛି ଛାକର ଆରମ୍ଭ ହେଇଗଲା।

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ବାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ସୁନାନାନୀ କହିଲା, 'ଛି ଛି, କି ମାଇପିଟା ଦେଖ, ଗେରସ୍ତ ମରିବାର ସାତ ଦିନ ହେଲାଣି, ହାତରେ ନାଲି କାଂଚ ପିନ୍ଧିଛି, ମୁଣ୍ଡରେ ସିନ୍ଦୁର ଲଗାଉଛି।' ସେଇଠୁ କାର୍ଜିଏ ଆସି ଦୁଆରେ ଠିଆ ହେଇ କହିଲେ, 'ଯା'ହେଲା ହେଲା, ଏବେ କୁନାବାପାର ଶ୍ରାଦ୍ଧ ନ କଲେ କଥାଟା ଅସୁନ୍ଦର ହେବ।' ପଛରୁ ଜଣେ କିଏ କହିଲା, 'ନଇଲେ ସେ ଭୂତ ହେଇ ଗାଁରେ ଉତ୍ପାତ କରିବ।'

ପୁରୀରେ ଆସି ଶ୍ରାଦ୍ଧ କରିବାପାଇଁ କାର୍ଜିଏ କହିଥିଲେ। ପୁରୀ ଶ୍ରୀ ମନ୍ଦିରରେ ରହି ଶ୍ରାଦ୍ଧ ସାରି ଗାଁକୁ ଫେରିବାପାଇଁ ବାହାରୁଥିଲା କୁନାବୋଉ। ଗାଡିରେ ଚଡିବା ପୂର୍ବରୁ ଦୂରରୁ କାହାକୁ ଦେଖି ହଠାତ୍ ତା ଛାତିଟା କ'ଣ ହେଇଗଲା। ମନ୍ଦିର ପୂଜାରୀ କହିଥିଲେ, ଶ୍ରାଦ୍ଧ ସରିଲେ ତୋ ସ୍ୱାମୀଙ୍କ ଆତ୍ମା ତତେ ଦେଖାଯିବ। ସତରେ କ'ଣ ସେୟା ହେଲା। ସେ ଆଖି ମଳିମଳି ଦେଖିଲା ବେଳକୁ କୁନା ବାପା ବାପା କହି ଦଉଡି ଯାଇ ଭିଡିଧରିଲାଣି। ଆଉ ମନରେ ସଂଶୟ ନଥିଲା। ଏଇଟା କୁନାବାପା। ତା'ହେଲେ କୁନାବାପା

ବଞ୍ଚିଛି। ହେଲେ ସେ କାହର ଶ୍ରାଦ୍ଧ କଲା? ସେ ଯା ହେଉ ହାତରେ ଥିବା କନାପଟା ସବୁ ତଳେ ପକାଇ ସେ ବି ଦଉଡି ଗଲା। ମୁଣ୍ଡରେ ପଗଡି ବାନ୍ଧି ନାଲି ରଙ୍ଗର ପୋଷାକ ପିନ୍ଧିଥିବା ଲୋକଟା ଯେ ତା ସ୍ୱାମୀ ଆଉ କୌଣସି ପ୍ରଶ୍ନ ନଥିଲା। କୁନାକୁ କାଖରେ ଧରି ବାପା ପଚାରୁଥିଲା, ପୁରୀରେ କ'ଣ କରୁଚ ବୋଲି। କୁନା କହୁଥିଲା, ଥାନାବାବୁ ଆଜ୍ଞା କହିଲେ ତମେ ମରିଗଲ ବୋଲି ତ ଆମେ ଶ୍ରାଦ୍ଧ କଲୁ।

କୁନାବୋଉକୁ ଦେଖି କୁନା ନନା କହୁଥିଲା, 'ଶ୍ରାଦ୍ଧ କରିଦେଇ ସାରିଲଣି। ଆଉ ଅପେକ୍ଷା କାହିଁକି? ଯାଅ ଗାଁକୁ ମୁଁ ତୁମ ମାନଙ୍କ ପାଇଁ ମରିଯାଇଛି। ଥାନାବାବୁ ସତ କହିଛନ୍ତି।ମୁଁ ସଂସାରର ମୋହମାୟା ତ୍ୟାଗ କରିସାରିଛି, ଏଇଠି ରହି ଜୀବନର ବାକି ଦିନ ଭଗବତ ଚିନ୍ତନରେ ବିତାଇବାକୁ ଚାହୁଁଚି।' କୁନା ବୋଉ କାନ୍ଦି କାନ୍ଦି କହୁଥିଲା, 'ସେମିତି କୁହନି, ଚାଲ ଘରକୁ ଚାଲ। ତୁମେ ଯେମିତି କହିବ ସେମିତି ହେବ। ମୁଁ ଆଉ ତୁମକୁ କିଛି କହିବି ନି।' କୁନାବାପା କିଛି କହୁନଥିଲା, ଦୂରରୁ କିଏ ଜଣେ 'କୁଲୀ' ବୋଲି ଡାକ ଦେବାପରେ କୁନାକୁ ତଳେ ଠିଆକରାଇ ହାତରେ ଦଶଟା ଟଙ୍କା ଦେଇ କହିଲା, 'ମୋତେ ଯିବାକୁ ହେବ।' ଆଉ ସେ ଚାଲିଗଲା। କୁନା ଆଉ ତା ବୋଉ ସେଇଠି ସେମିତି ଠିଆ ହେଇ ଚାହିଁ ରହିଥିଲେ।

## ଶିକ୍ଷକତା ଆଉ କ୍ରିକେଟ୍

ପ୍ରଶ୍ନର ସୁନାମୀ
ମନକୁ ଆନ୍ଦୋଳିତ କଲାଣି
ହାତରେ ଧରିଥିବା ଚକ୍ ଆଉ ଡଷ୍ଟର୍
କେତେବେଳେ ହାତରୁ ଖସି ପଡିଯିବ,
ସାମନା ଧାଡିରେ ବସିଥିବା
ଚଷମା ପିନ୍ଧା ଝିଅଟି
ଉଠିଲା,

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

ବୋଧହୁଏ ସେ ଗୋଟିଏ ବାଉଁସର ମାରିବ
ହାତ ଟେକି ଦେଇ
ଏଇଟାକୁ ନୋ 'ବଲ'
କୁହାଇବାର କୁ ନାହିଁ
ତଥାପି ପ୍ରଶ୍ନରୂପୀ ଏହି ବଲ୍‌କୁ
ସାମନା କରିବାକୁ ତ ପଡିବ
ପଛ ଟେବୁଲ୍‌ରେ ବସି
ନିଜ ନିଜ ଭିତରେ ଗପୁଥିବା
ଦି'ଟା ଟୋକାଙ୍କୁ ଟେବୁଲ୍ ଉପରେ
ଠିଆ କରାଇ କ୍ଲାସ୍‌ର
ସବୁ ପିଲାଙ୍କୁ ବ୍ୟସ୍ତ କରାଯାଇପାରେ,
ଆମ ସାର୍ ବି ତ ସେମିତି କରୁଥିଲେ
ହେଲେ ଏବେ ଯୁଗ
ଓଲଟି ଯାଇଛି,
କ୍ଲାସ୍‌ରେ କେବଳ ପାଠ ପଡାହେବ
ସରକାରୀ ନିର୍ଦ୍ଦେଶ
ପିଲାଟିର ପ୍ରଶ୍ନକୁ ଶୁଣିବାପରେ
ଛେପଡୋକି ଉତ୍ତର ଦେବାକୁ ଉଦ୍ୟତ
ହେଉଥିବା ବେଳେ
ହଠାତ୍ କାନରେ ପଡିଲା
ବାହାରେ ବାଜିଥିବା କ୍ଲାସ୍ ସମାପ୍ତ
ହେବାର ଘଣ୍ଟି,
ଓ:
ପ୍ରାଣଟା ବଞ୍ଚିଗଲା
ଟେଷ୍ଟ୍ ମ୍ୟାଚ୍‌ରେ ନାଇଟ୍ ୱାଚ୍ ମ୍ୟାନ୍‌ପରି
ପାଭିଲିୟନ୍‌କୁ ଫେରି ଆସିଲି ସତ
ହେଲେ କାଲି ପୁଣି
ବ୍ୟାଟିଂ କରିବାକୁ ତ ହେବ

# ରଜ ବଜାରରେ ଓଡିଆ ସିନେମା

## ଛାତି ଚିରିଦେଲେ ତୁ

ବାଲୁଙ୍କେଶ୍ୱର ଫିଲ୍ମସ୍ ନିବେଦିତ ଛାତି ଚିରିଦେଲେ ତୁ ଏକ ଭିନ୍ନ ସ୍ୱାଦର କାହାଣୀ, ଏବଂ ଏଥିରେ ଅନୁଭବ, ମିଠି, ଚନ୍ଦନ, ରାଇମୋହନ ଆଦି ଅଭିନେତା ନିଜ ଅଭିନୟର କମାଲ୍ ଦେଖାଇଛନ୍ତି। ଫିଲ୍ମରେ ମିଠିଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରାଯାଉଛି, ଯାହା ଜଣାପଡୁଛି, ରଜ ବଜାରରେ ମିଠି ନିଜ ଅଭିନୟର କମାଲ୍ ଦେଖାଇ ସମସ୍ତଙ୍କଠାରୁ ବାଃ ବାଃ ଲୁଟିନେବେ।

ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଅନୁଭବ ହନୁମାନଙ୍କ ମହାନ ଭକ୍ତ ଭାବରେ ଦେଖାଯାଉ ଥିବା ବେଳେ, ଅଭିନେତ୍ରୀ ମିଠି ଦୁର୍ଗା ରୂପରେ ସାକ୍ଷାତ ରଣଚଣ୍ଡୀଙ୍କ ଅବତାର ଭାବରେ ଦେଖା ଦେବେ। ଚଳଚ୍ଚିତ୍ରର ଏକ ଦୃଶ୍ୟରେ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

ମିଠି ଗୁଣ୍ଡାମାନଙ୍କୁ ଉତ୍ତମମଧ୍ୟମ ଦେଉଥିବାର ଦୃଶ୍ୟ ବି ରହିଛି। ଖାସ୍ କଥା ହେଉଛି, ଏହି ଚଳଚ୍ଚିତ୍ରରେ ମିଠି ସାଇକେଲ୍ ଚଳାଇ ରୋମାନ୍ସ କରୁଥିବାର ଦୃଶ୍ୟ ରହିଛି। ତେଣେ ହନୁମାନ ଭକ୍ତ ଅନୁଭବ (ମହାବୀର) ଝିଅ ମାନଙ୍କ ଠାରୁ ହାତେମାପି ଚାଖଣ୍ଡେ ଚାଲୁଥିବା ବେଳେ, ମିଠି (ଦୁର୍ଗା)ଙ୍କ ଉପରେ ପଡି ପ୍ରେମ କରୁଥିବା ଦୃଶ୍ୟ ସାମାନ୍ୟ ଅଲଗା ଲାଗିପାରେ। କାରଣ କୌଣସି ଓଡିଆ ଫିଲ୍ମରେ ନାୟିକାଙ୍କୁ ଏମିତିକା ରୂପରେ କେହି କେବେ ଦେଖାଇ ନାହାନ୍ତି, ବୋଲି ନିର୍ମାଣ ସଂସ୍ଥା ତରଫରୁ କୁହାଯାଇଛି।

ଚଳଚ୍ଚିତ୍ରର ଖଳନାୟକ ରାଇମୋହନ (ଇନ୍ଦ୍ରଜିତ) ଥିବା ବେଳେ ତାଙ୍କ ବାଲୁଙ୍ଗା ପୁଅ ଚରିତ୍ରରେ ଚନ୍ଦନ ଅଭିନୟ କରିଛନ୍ତି। ଦେଖାଯାଉ ଏହି ଚଳଚ୍ଚିତ୍ର କେତେ ବାଃ ବାଃ ଲୁଟି ନେଉଛି।

## ନନ୍ଦିନୀ ଆଇ ଲଭ୍ ୟୁ

ତ୍ରିକୋଣୀୟ ପ୍ରେମ ପ୍ରତାରଣା ଓ ଆକର୍ଷଣକୁ କେନ୍ଦ୍ର କରି ନିର୍ମିତ ଏହି ଚଳଚ୍ଚିତ୍ରରେ ଜଣେ ନାୟିକା ବିପକ୍ଷରେ ଦୁଇଜଣ ନାୟକ ରହିଛନ୍ତି। ଅନାମ ସାହୁ ପ୍ରଯୋଜିତ ଓ ଅଶୋକ ପତି ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଂଗୀତ ଖୁବ୍ ଶ୍ରୁତି ମଧୁର ହୋଇଛି। କୁମାର ବାପି, ତପୁ ମିଶ୍ର, ବିଭୂକିଶୋର, ଶୈଳଭାମା, ଅରବିନ୍ଦ ଆଦି କଳାକାର ମାନେ କଣ୍ଠ ପ୍ରଦାନ କରିଛନ୍ତି। ଗୀତ ସବୁକୁ ଲେଖିବା ଦାୟିତ୍ୱରେ ଅଛନ୍ତି, ଅରୁଣ ମନ୍ତ୍ରୀ, ନିର୍ମଳ ନାୟକ, ଦେବଦାସ ଛୋଟରାୟ, ବସନ୍ତ ରାଜ ସାମଲ।

## ମୁଁ ସପନର ସୌଦାଗର

ଶୁଭମ୍ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ନିବେଦିତ ମୁଁ ସପନର ସୌଦାଗର ଏକ ତ୍ରିକୋଣୀୟ ପ୍ରେମ ଓ ରହସ୍ୟର କାହାଣୀ। ଏଥିରେ ଅଭିନୟ କରୁଛନ୍ତି, ସବ୍ୟସାଚୀ, ଅରିନ୍ଦମ୍ ଓ ଅର୍ଚ୍ଚିତା। ପ୍ରେମରୁ ପ୍ରତାରଣା ଓ ପ୍ରତାରଣାରୁ ପ୍ରେମ, ଏହି କାହାଣୀ ନିକଟରେ ଅତୀତରେ ହୋଇଥିବା ଏକ ମୃତ୍ୟୁପରେ ପୁଣି ଫେରି ଆସିଥିବା ପତିର କାହାଣୀ ପରି ଲାଗିପାରେ। ଟିଭିରେ ଦେଉଥିବା ଅନେକ ହିନ୍ଦୀ ସିରିଆଲ୍ର କାହାଣୀରୁ ପ୍ରେରଣା ପାଇଥିବା ପରି ଜଣାପଡୁଛି।

ଚଳଚ୍ଚିତ୍ରର ନାୟିକାକୁ ଭଲ ପାଆନ୍ତି ଦୁଇଜଣ ଅଭିନେତା, କିନ୍ତୁ ଚାଲାଖି କରି ସବ୍ୟସାଚୀ ଅର୍ଚ୍ଚିତାଙ୍କୁ ବାହା ହୋଇଯାଆନ୍ତି ମାତ୍ର ନିଜର ପ୍ରକୃତ ସ୍ୱରୂପ ଦେଖାଇ ଦେଲାପରେ କାହାଣୀର ସ୍ୱରୂପ ବଦଳି ଯାଏ। ଅଚାନକ ସବ୍ୟସାଚୀଙ୍କ ମୃତ୍ୟୁପରେ ଅରିନ୍ଦମ୍ଙ୍କ ପ୍ରବେଶ ହୁଏ ଅର୍ଚ୍ଚିତାଙ୍କ ଜୀବନରେ, ଯେତେବେଳେ ସବୁକିଛି ଠିକ୍ ଠାକ୍ ଚାଲିଥାଏ, ସେହି ସମୟରେ ପୁଣି ପ୍ରବେଶ କରନ୍ତି ସବ୍ୟସାଚୀ। ଦେଖନ୍ତୁ ଏହି କାହାଣୀ ଏହି ରଜରେ।

MODEL COLLEGE FOR WOMEN
+2 Science Classes
FREE JEE (E & M) Coaching
In-Campus Accommodation
Experienced Faculty
Round the Clock Security
Excellent Results
Register Today for your Admission in our College
http://www.modelcollege.co.in

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

# ସାବିତ୍ରୀ ବ୍ରତ କଥା

ଏକ ଦିନ ପଣ୍ଡୁସୁତ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ବିନୟ ବଚନରେ ପଚାରିଲେ, ହେ ଦେବ ଦେବ ମୋ ପ୍ରତି ଅନୁଗ୍ରହ କରି, ମୁଁ ଯାହା ପଚାରୁଛି ତାହା କୁହନ୍ତୁ। କେଉଁ ବ୍ରତ କଲେ ନାରୀମାନେ ଭାଗ୍ୟବତୀ ହୋଇ ବିଧବା ନୁହନ୍ତି ଓ ଜନେ ସୁଖୀ ହୁଅନ୍ତି? ଦୟାକରି ଆମ୍ଭ ଆଗରେ ତାହା ପ୍ରକାଶ କରନ୍ତୁ। ଯୁଧିଷ୍ଠିରଙ୍କ ବାକ୍ୟ ଶୁଣି ଶ୍ରୀ କୃଷ୍ଣ କହୁଛନ୍ତି ହେ ରାଜନ, ତୁମ୍ଭେ ଯାହା ପଚାରିଲ ତାହା ମୁଁ ଏବେ କହୁଅଛି ଶୁଣ। ସ୍ତ୍ରୀମାନେ ନାନାଦି ବ୍ରତ ପାଳନ୍ତି, ତହିଁ ମଧ୍ୟରୁ ପ୍ରଧାନ ବ୍ରତ ସାବିତ୍ରୀ ବ୍ରତ ନାମରେ କଥିତ। ସେ ବ୍ରତକଲେ ପତି ପୁତ୍ର ଧନ ଓ ମାନ ଲାଭ କରନ୍ତି। ଅତି ଆନନ୍ଦରେ ଦିନ କଟାନ୍ତି। ଏହାଶୁଣି ଶ୍ରୀ କୃଷ୍ଣ ଅତି ମଧୁର ବଚନ କହୁଅଛନ୍ତି, ହେ ଧର୍ମସୁତ, ଅଶ୍ୱପତି ନାମରେ ଏକ ରାଜା ଥିଲେ। ସେ ଅବନୀ ମଣ୍ଡଳରେ ଦୟାଶୀଳ ଧର୍ମପରାୟଣ ପ୍ରଜାପାଳନ ଓ ନାନା ଗୁଣରେ ବିଖ୍ୟାତ ଥିଲେ। କୁବେର ଭଣ୍ଡାର ପରି ତାହାଙ୍କ ଭଣ୍ଡାର ପରିପୂର୍ଣ୍ଣ ଥାଏ, କେବଳ ତାଙ୍କର ପୁତ୍ର ନଥିବାରୁ ସେ ରାଜାଙ୍କ ମନ ବିରସ ହୋଇଥାଏ। ଏହିପରି କିଛି ଦିନ ବିତିଗଲା ଉତ୍ତାରୁ ଏକ ଋଷିବର ସେହି ରାଜାଙ୍କ ନିକଟକୁ ଗମନ କଲେ। ସେ ରାଜା ଋଷିଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ ହୋଇ ପୁଣି ପାଦଧୌତ କଲେ। ସେ ରାଜାଙ୍କର ଭକ୍ତିଭାବ ଦେଖି ଋଷି ମହାସନ୍ତୁଷ୍ଟ ହେଲେ। ଧ୍ୟାଣବଳରେ ରାଜାଙ୍କ ମନର ଦୁଃଖ ଜାଣି କହିଲେ, ହେ ରାଜନ୍, ତୁମ୍ଭେ ଏତେ ବିରସ ମନରେ କାହିଁକି ଅଛ? ଏହା ଶୁଣି ରାଜା କହିଲେ, ହେ ମୁନିବର, ଧନଧାନ୍ୟ ପ୍ରଜାସୁଖରେ ରହି ମଧ୍ୟ ଏକ ପୁତ୍ର ନଥିବାରୁ ମନରେ ଶାନ୍ତି ନାହିଁ। ଋଷି କହିଲେ, ହେ ରାଜନ ଆମ୍ଭେ ଗୋଟିଏ ମନ୍ତ୍ର କହିବୁ, ସେହି ମନ୍ତ୍ର ଭକ୍ତିରେ ଜପ କଲେ ତାହା ବଳରେ ଗୋଟିଏ କନ୍ୟା ହେବ। ସେ କନ୍ୟା ତୁମର ନୀତିକୂଳ ଉଦ୍ଧାର କରିବ ଏବଂ ମହୀତଳରେ ଯଶ ରହିବ, ତୁମ୍ଭେ ଏହି କଥା କର। ମୁନିବର ରାଜାଙ୍କୁ ମନ୍ତ୍ରଟି କହି ଚାଲିଗଲେ। ସେହିଦିନ ଠାରୁ ଅଶ୍ୱପତି ରାଜା ନିୟମରେ ମନ୍ତ୍ର ଜପନ୍ତି, କେତେ ଦିନ ଉତ୍ତାରୁ ସେହି ମନ୍ତ୍ରର ପ୍ରଭାବରୁ ଏକ ଦୁହିତା ଶୁଭଲଗ୍ନରେ ଜନ୍ମହେଲା, ସେହି ଦୁହିତା (ସାବିତ୍ରୀ) ମନ୍ତ୍ର ପ୍ରଭାବରୁ ଜନ୍ମିଥିବାରୁ ସାବିତ୍ରୀ ବୋଲି ନାମ ଦେଲେ। ଚନ୍ଦ୍ର ପକ୍ଷରେ ଚନ୍ଦ୍ର ବୃଦ୍ଧିପରି ମାତାପିତାଙ୍କ ଆଦରରେ ସାବିତ୍ରୀ ବଡନ୍ତି। କ୍ରମେ ସାବିତ୍ରୀଙ୍କୁ ଅଠର ବର୍ଷ ହେଲା। ସାବିତ୍ରୀଙ୍କ ସଙ୍ଗରେ ପରିଚାରିକାଧରି ଋଷିଙ୍କ ଆଶ୍ରମକୁ ଯାଆନ୍ତି, ଋଷିମାନଙ୍କ ସେବା କରନ୍ତି। ଋଷିମାନେ ସାବିତ୍ରୀଙ୍କ ସେବାଦେଖି କଲ୍ୟାଣ କରନ୍ତି। ସାବିତ୍ରୀ ସ୍ୱପ୍ନରେ ହେଲେ ପୁରୁଷଙ୍କ ମୁହଁ ଦେଖିନାହିଁ, ଦିନକରେ ସଖିମାନଙ୍କୁ ଧରି ବନବିହାର କରୁଥିଲେ। ଏମନ୍ତ ବେଳେ ଋଷିମାନଙ୍କ ସହ ଏକ ସୁନ୍ଦର ପୁରୁଷକୁ ଦେଖିଲେ। ସେ ପୁରୁଷକୁ ଦେଖି ମୋହିତ ହୋଇ ଚକ୍ଷୁ ପିଛାଡି ପାରିଲେ ନାହିଁ। ସାବିତ୍ରୀ ଋଷିଙ୍କୁ ପୁଛାକଲେ, ହେ ମୁନିବର ! ଏ ଯୁବକ କାହାର ସୁତ ମୋତେ କୁହନ୍ତୁ। ଏହା ଶୁଣି ମୁନି କହିଲେ, ଅବନ୍ତୀନଗର ଦ୍ୟୁମତସେନ ବୋଲି

VISIT US ONLINE
www.aahwaan.com
We also Offer Web Development Services

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

ଏକ ରାଜା ଥିଲେ। ତାହାଙ୍କର ସୁତ ସ୍ୱକୁଟୁମ୍ବ ଧରି ଏହି ବନରେ ବାସ କରୁଅଛନ୍ତି। ତାହାଙ୍କର ନାମ ସତ୍ୟବାନ ଓ ଦ୍ୱିତୀୟନାମ ଚିତ୍ରସେନ। ଏହି ଚିତ୍ରସେନ ଦ୍ୟୁମତସେନଙ୍କର ଏକମାତ୍ର ପୁତ୍ର। ମୁନି ମୁଖୁ ଏହା ଶୁଣି ସାବିତ୍ରୀ ମନେ ମନେ ଭାବିଲେ, ଏହି ଚିତ୍ରସେନଙ୍କୁ ମୁଁ ପତିରୂପରେ ବରିବି। ଏହା ଭାବି ଗୃହକୁ ସମସ୍ତେ ଚଳିଗଲେ। ସାବିତ୍ରୀ ମାତାଙ୍କୁ ସକଳ ବିଷୟ କହିଲେ। ରାଣୀ ସେହି କଥାଯାଇ ରାଜାଙ୍କୁ କହିଲେ। ରାଜା କହିଲେ ସେ କାହାର ପୁତ୍ର, କିପରି ତା'ଙ୍କୁ ଦୁହିତା ଦାନ ଦେବା? ଏହି ସମୟରେ ନାରଦ ମହାମୁନି ପ୍ରବେଶ ହେଲେ, ରାଜା ନାରଦ ମହାମୁନିଙ୍କୁ ଦେଖି ଯଥାମାନ୍ୟରେ ପଦଧୌତ କରି ଦିବ୍ୟ ଆସନରେ ବସାଇଲେ। ଏମନ୍ତ ସମୟରେ ସେହି ସ୍ଥାନରେ ଦୁହିତା ସାବିତ୍ରୀ ଯାଇ ପ୍ରବେଶ ହେଲେ। ନାରଦ ପଚାରିଲେ, ହେ ରାଜନ୍, ଏ କାହାର କୁମାରୀ? ରାଜା କହିଲେ, ହେ ମୁନିବର ବହୁ ତପେ ଏ କୁମାରୀକୁ ପାଇଛି। ଏ ମୋହର ଅନୁଢା କନ୍ୟା, ବନସ୍ତରେ ଏ କାହାକୁ ବରିଅଛି ବୋଲି କହୁଛି। ନୃପତିଙ୍କ ବାକ୍ୟ ନାରଦ ମୁନି ସାବିତ୍ରୀଙ୍କୁ ପଚାରିଲେ, ଗୋ ସାବିତ୍ରୀ, ତୁ କାହାକୁ ବରିଅଛୁ ଆମ୍ଭ ଆଗରେ କହ? ଏହା ଶୁଣି ସାବିତ୍ରୀ କହିଲେ, ଅବନ୍ତୀ ନଗରର ଏକ ରାଜାଥିଲେ, ତାହାଙ୍କର ନାମ ଦ୍ୟୁମତସେନ। ତାହାଙ୍କର ପୁତ୍ର ସତ୍ୟବାନ ଓ ଚିତ୍ରସେନ, ତାହାଙ୍କର ରୂପଗୁଣ ଦେଖି ମୋହର ଶ୍ରଦ୍ଧାବଳିଲା, ଏହା ଶୁଣି ନାରଦ କହିଲେ, ହେ ଅଶ୍ୱପତି, ଦ୍ୟୁମତସେନ ଚକ୍ଷୁହୀନ ହେବାରୁ ଶତ୍ରୁମାନେ ରାଜ୍ୟନେଲେ, ତଦୁତ୍ତାରୁ ସେହି ରାଜା ସକୁଟୁମ୍ବ ଅରଣ୍ୟରେ ବାସ କରୁଛନ୍ତି। ସେହି ରାଜା ସକଳ ଗୁଣରେ ଗୁଣୀ ଅଟନ୍ତି, ମାତ୍ର ଆମ୍ଭେ ବୋଲୁଅଛୁ ଏ ବିବାହ ଅନୁଚିତ। ସେ ସତ୍ୟବାନର ଏକ ବର୍ଷମାତ୍ର ଆୟୁଷ ଅଛି, ସେଥି ଯୋଗୁଁ ଆମ୍ଭେ ନାସ୍ତି କରୁଛୁ। ତେଣୁକରି ଅନ୍ୟସ୍ଥାନେ ବିବାହ ଦେବା ଉଚିତ୍। ସାବିତ୍ରୀ କହିଲେ, ହେ ପିତା ତାହାଙ୍କ ଛଡା ଅନ୍ୟ ପୁରୁଷ ବରିବିନାହିଁ। ଅନ୍ୟ ପୁରୁଷ ବରିଲେ ମୁଁ ଅସତୀ ଦୋଚାରୁଣୀ ହେବି। ଅତଏବ ମୋ ଭାଗ୍ୟରେ ଯାହା ଅଛି ତା'ଫଳିବ। ସତ୍ୟବାନ ବିନା ଅନ୍ୟ ପୁରୁଷକୁ ବରିବି ନାହିଁ, ସତ୍ୟବାନଙ୍କୁ ମୋତେ ପ୍ରଦାନ କରନ୍ତୁ। ସାବିତ୍ରୀଙ୍କ ଠାରୁ ନାରଦ ଏପରି ବଚନ ଶୁଣି ମହାସନ୍ତୋଷରେ କହିଲେ, ଧନ୍ୟ ତୋ ସତୀପଣ, ତୋର ମନୋବାଞ୍ଛା ସିଦ୍ଧ ହେଉ। ତୁ ନିଶ୍ଚୟ ଭାଗ୍ୟବତୀ ହେବୁ, ଏହାକହି ମୁନିବର ନିଜ ସ୍ଥାନକୁ ଚାଲିଗଲେ। ତହୁଁ ଅଶ୍ୱପତି ରାଜା ବିଭାଘର ଉତ୍ସବ ମଣ୍ଡାଇବାକୁ ଆଦେଶ ଦେଲେ। ଶୁଭଲଗ୍ନରେ ସତ୍ୟବାନଙ୍କୁ କନ୍ୟା ସଂପାଦନ କଲେ। ସତ୍ୟବାନ ସାବିତ୍ରୀଙ୍କୁ ଘେନି ପିତୃସମୀପକୁ ଚାଲିଗଲେ। ସତ୍ୟବାନ ପିତାମାତାଙ୍କୁ ନମସ୍କାର କଲେ। ସାବିତ୍ରୀ ଶାଶୁଶ୍ୱଶୁରଙ୍କୁ ନମସ୍କାର କଲେ। ରାଜା ଓ ରାଣୀ ପୁତ୍ରବଧୂଙ୍କୁ ଶୁଭାଶୀର୍ବାଦ କଲେ। ପ୍ରତିଦିନ ସାବିତ୍ରୀ ଶାଶୁଶଶୁରଙ୍କୁ ଯଥାଭକ୍ତିରେ ସେବା କରୁଥାଆନ୍ତି। ଦେବତା ବ୍ରାହ୍ମଣଙ୍କୁ ଭକ୍ତିକରି ପୂଜା କରୁଥାଆନ୍ତି। ଏପରି କେତେଦିନ ଗଲା, ନାରଦଙ୍କ କଥା ସାବିତ୍ରୀଦେବୀ ସର୍ବଦା ମନରେ ଭାବନା କରୁଥାଆନ୍ତି। ରାଜାରାଣୀ କିମ୍ବା ସତ୍ୟବାନ କେହି ଜାଣନ୍ତି ନାହିଁ। ସାବିତ୍ରୀଙ୍କ

VISIT US ONLINE
www.aahwaan.com
We also Offer Web Development Services

ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ସ୍ୱଭାବଦେଖି ଶାଶୁଶ୍ୱଶୁର ଅତ୍ୟନ୍ତ ଆନନ୍ଦ ଲଭୁଥାନ୍ତି । ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନରେ ସତ୍ୟବାନଙ୍କ ଆୟୁସ୍ହ ଶେଷ ହେବ। ଏ କଥା ସାବିତ୍ରୀ ହେତୁ ରଖିଥାଆନ୍ତି। କ୍ରମେ ସତ୍ୟବାନଙ୍କ ଆୟୁ ଶେଷ ନିକଟ ହେଲା। ରାତିପାହିଲେ କୃଷ୍ଣପକ୍ଷ ଅମାବାସ୍ୟା ହେବ। ଏ କଥା ସାବିତ୍ରୀ ଜାଣି ଲକ୍ଷ୍ମୀନାରାୟଣ ପୂଜା ନିମନ୍ତେ ଉପବାସ କଲେ ଓ ଲକ୍ଷ୍ମୀନାରାୟଣ ସ୍ତୋତ୍ରମାନ ପାଠକଲେ। ଆମ୍ବ କଦଳୀ ନଡିଆ ତାଳ ଖଜୁରୀକୋଳି ନାନା ଦ୍ରବ୍ୟମାନ ପୂଜାକଲେ। ବ୍ରାହ୍ମଣ ଭୋଜନ କରାଇଲେ। ସାବିତ୍ରୀ ଶାଶୁଶ୍ୱଶୁର ଓ ଗେରସ୍ତଙ୍କ ଡାକି ଭୋଜନ ସାମଗ୍ରୀ ବାଡିଲେ। ଭୋଜନାନ୍ତେ ଶାଶୁଶ୍ୱଶୁର କହିଲେ, ବଧୂ ତୁମେ ଭୁଞ୍ଜିବସ। ସାବିତ୍ରୀ କହିଲେ ମୁଁ ବ୍ରତ ପାଳିଛି, ଆଜି ଦିନ ଶେଷରେ ଭୁଞ୍ଜିବି। ଏପରି କହି ତାଙ୍କୁ ପ୍ରବୋଧ କଲେ। କ୍ରମେ କ୍ରମେ ତିନିପ୍ରହର ବେଳ ହେଲା। ସତ୍ୟବାନ କହିଲେ, ପିତା କାଠ ଫଳଫୁଲ ନାହିଁ, ମୁଁ ଯାଉଛି ଖୋଜିକରି ଆଣିବି। ଏପରି ପିତାମାତାଙ୍କୁ ସତ୍ୟବାନ କହିବାରୁ ସାବିତ୍ରୀ ବିଚାର କଲେ, ମରଣ ସ୍ଥାନକୁ ବିଧାତା ବାଟ କଢାଉଛି। ଏ ସମୟରେ ସାବିତ୍ରୀ ଶାଶୁଶ୍ୱଶୁରଙ୍କୁ ନମସ୍କାର କରି କହିଲେ ମୁଁ ମଧ୍ୟ ସ୍ୱାମୀଙ୍କ ସହିତ ଯିବି। ବନରୁ ଆସିଲେ ଭୁଞ୍ଜିବି ମନାକରନ୍ତୁ ନାହିଁ। ସାବିତ୍ରୀଙ୍କ ଏପରି ଦୃଢ ବଚନ ଶୁଣି ରାଜାରାଣୀ ସତ୍ୟବାନଙ୍କୁ ଡାକି କହିଲେ, ଆରେ ବାବୁ ବଧୂ ତୋ ସାଙ୍ଗରେ ଯାଉଛି, ସାବଧାନରେ ଯିବୁ, ଅନ୍ଧାର ନ ହେଉଣୁ ଫେରିଆସିବୁ। ସତ୍ୟବାନ ପିତାମାତାଙ୍କ ଠାରୁ ଏପରି ଶୁଣି ସାବିତ୍ରୀ ସହିତ ବନକୁ ଗଲେ। ବନରୁ ନାନା ଫଳଖୋଜି ସାବିତ୍ରୀଙ୍କ ନିକଟରେ ଦେଇ କହିଲେ, ପ୍ରିୟେ, ଏଠାରେ ବସି ମୁଁ କାଠ ହାଣିବି ଏହା କହି

ସତ୍ୟବାନ ବୃକ୍ଷ ନିକଟକୁ ଗଲେ। ତାଙ୍କୁ ସେହି ସ୍ଥାନ ଅନ୍ଧାର ଦିଶିଲା। ସେହି ସ୍ଥାନରେ ବସିପଡି କହିଲେ ମୋର ମୁଣ୍ଡ କାହିଁକି ବ୍ୟଥା କରୁଛି, ମୋତେ ଅନ୍ଧାର ଦିଶୁଛି, ମୋର ପ୍ରାଣ ବାହାରିଗଲା ପରି ଲାଗୁଛି, ଉଠିବାକୁ ଶକ୍ତି ହେଉନାହିଁ, ମୋତେ ବଡ କଷ୍ଟ ଲାଗୁଛି। ଏହା ଶୁଣି ସାବିତ୍ରୀ ବିଚାର କଲେ ମରଣ ନିକଟ ହେଲା ଏହା ଭାବି କହିଲେ, ଏହି କାନି ପଣତ ବିଛାଇ ଦେଉଛି ଏଥିରେ ଶୟନ କରନ୍ତୁ, ଏହି କ୍ଷଣି ଦେହ ସୁସ୍ଥ ହେବ। ସାବିତ୍ରୀଙ୍କ ଜାଣୁରେ ମୁଣ୍ଡଦେଇ ସେହି କାନିପଣତରେ ଶୋଇଲେ। ସଂଧ୍ୟାପ୍ରବେଶ ହେଲା, କାନ୍ତ ସନ୍ଧ୍ୟା ହେଲାଣି ଉଠନ୍ତୁ। ସାବିତ୍ରୀ ଉଠାଇଲେ, ସତ୍ୟବାନ ଉଠିଲେ ନାହିଁ। ତହୁଁ ସାବିତ୍ରୀ ଆଉ ସ୍ଥିର ରହି ନପାରି ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ। ଏପରି ସମୟରେ ଯମଦୂତମାନେ ପ୍ରବେଶ ହେଲେ। ପତିବ୍ରତା ସତୀ ଶିରୋମଣି ସାବିତ୍ରୀଙ୍କ ତେଜରେ ଯମଦୂତମାନେ କେହି ପଶିପାରିଲେ ନାହିଁ। ଫେରିଯାଇ ଯମଙ୍କୁ କହିଲେ, ହେ ଯନ୍ତୁରାଜ, ସତ୍ୟବାନଙ୍କ ମୃତ୍ୟୁ ହେବାରୁ ଆଣିବାକୁ ଗଲୁ, ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କୁ ଦେଖି ତାଙ୍କ ପାଖରେ ପଶିପାରିଲୁ ନାହିଁ, ଫେରି ଆସିଲୁ, ଦୂତମାନଙ୍କ ଠାରୁ ଏପରି ଶୁଣି ଜନ୍ତୁରାଜ ନିଜେ ସାବିତ୍ରୀଙ୍କ ନିକଟକୁ ଗମନ କଲେ। ସାବିତ୍ରୀ ଜାନୁ ଉପରେ କାନ୍ତଙ୍କୁ ଧରି ଆତି ଆଦରରେ

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ, ୨୦୦୮
Vol: 03, Issue: 03
May-June, 2008

ରୋଦନ କରୁଛନ୍ତି। ସାବିତ୍ରୀଙ୍କ ବିକଳ ଦେଖି ଜନ୍ତୁରାଜ କହିଲେ, ହେ ମାତ, ରୋଦନ କରୁଛ କାହିଁକି? ରୋଦନ କରନାହିଁ। ଜନ୍ମହେଲେ ମରଣ ଘଟେ, ଯେ ଯେତିକି ଦିନକୁ ଆସିଥାଏ, ସେ ସେତିକି ଦିନ ପୂର୍ଣ୍ଣ ହେଲେ ଫେରି ଚାଲିଯିବ। ଏଥିକି କାହିଁକି ରୋଦନ କରୁଛ, ଆଉ କାନ୍ଦନାହିଁ। ଯମରାଜଙ୍କ ବଚନ ଶୁଣି ସାବିତ୍ରୀ ପଚାରୁଛନ୍ତି, ତୁମ୍ଭେ କିଏ ସେ? କେଉଁଠାରୁ ଆସିଲ ତାହା ମୋତେ କୁହନ୍ତୁ? ମୋର ସନ୍ଦେହ ଫିଟିଯିବ। ଯମ ସାବିତ୍ରୀଙ୍କ ବଚନ ଶୁଣି କହୁଛନ୍ତି, ମୁଁ ଜନ୍ତୁପତି ଯମରାଜ। ସତ୍ୟବାନଙ୍କୁ ନେବାପାଇଁ ଆସିଛି। ଯମଙ୍କଠାରୁ ଏପରି ଶୁଣି ସାବିତ୍ରୀ ସତ୍ୟବାନଙ୍କୁ ଛାଡିଦେଇ ଉଭାହେଲେ। ସତ୍ୟବାନଙ୍କ ଦେହର ଜୀବନକୁ ଯମରାଜ ବାନ୍ଧିନେଇ ବାହାରିଲେ। ସାବିତ୍ରୀ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ, ଜନ୍ତୁରାଜ ଲେଉଟି ଚାହିଁ ସାବିତ୍ରୀଙ୍କୁ ପଛରେ ଦେଖି କହିଲେ, ହେ ରାଜଜେମା ତୁ କାହିଁକି କାନ୍ଦି କାନ୍ଦି ଆସୁଛୁ? ତୁ ଘରକୁ ବାହାରି ଯା। ଏହା ଶୁଣି ସାବିତ୍ରୀ କହିଲେ ହେ ଜନ୍ତୁରାଜ ମୋର କାନ୍ତ ତୁମ୍ଭ ଭବନକୁ ଯାଉଛନ୍ତି, ତେଣୁ ମୁଁ ବି ମଧ୍ୟ ତୁମ ସାଙ୍ଗରେ ଯିବି। ଅନ୍ୟଥା ସଂସାରରେ କିଛି କାର୍ଯ୍ୟନାହିଁ, ଚାଲ ତୁମ୍ଭ ଭବନକୁ ଯିବା ତୁମ୍ଭପରି ସତ୍‌ସଙ୍ଗ ମୋତେ ମିଳିବ ନାହିଁ, ତୁମ୍ଭେ ଅନୁଗ୍ରହ କରି ମୋତେ ତୁମ୍ଭ ସାଙ୍ଗରେ ନିଅ। ମୋ ପ୍ରତି ବିରାଗ ହୁଅନ୍ତୁ ନାହିଁ। ଏପରି ସାବିତ୍ରୀଙ୍କ ବିନୟ ବସନ ଶୁଣି ଯମରାଜ ହସି ହସି କହୁଛନ୍ତି ଗୋ ପତିବ୍ରତା ଶିରୋମଣି, ମୁଁ ତୁମ୍ଭ ପ୍ରତି ଅତ୍ୟନ୍ତ ସନ୍ତୁଷ୍ଟ। ତୁମ୍ଭେ ସତ୍ୟବାନର ପ୍ରାଣଛଡା ଯାହା ମାଗିବ ତାହା ଦେବି। ଏପରି ବଚନ ଶୁଣି ସାବିତ୍ରୀ କହିଲେ ମୋ ଶାଶୁଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ ତାଙ୍କୁ ଚକ୍ଷୁ ପ୍ରଦାନ କରନ୍ତୁ ଓ ରାଜ୍ୟ ପ୍ରଦାନ କରନ୍ତୁ। ଏହାଶୁଣି ଯମରାଜ ତଥାସ୍ତୁ କହି ଚାଲିଗଲେ। ସାବିତ୍ରୀ ତାଙ୍କ ପଛେ ଗୋଡାଇ ଅଛନ୍ତି, ଯମ ଫେରି ଚାହିଁଲେ କହିଲେ ତୁମ୍ଭେ ଗୃହକୁ ଫେରିଯାଅ। ଏହା ଶୁଣି ସାବିତ୍ରୀ କହିଲେ ତୁମ୍ଭେ ନାରାୟଣଙ୍କ ଅଂଶ ତୁମ୍ଭକୁ ସେବା କରିବି। ମୋତେ ସାଙ୍ଗରେ ନିଅନ୍ତୁ। ଏହା ଶୁଣି ଜନ୍ତୁପତି କହିଲେ ହେ ସୂତା ଆଉ କି ବର ମାଗୁଛ ମାଗ? ଏହା ଶୁଣି ସାବିତ୍ରୀ କହିଲେ ମୋର ପିତାଙ୍କର ପୁତ୍ର ନାହିଁ, ପୁତ୍ର ଦରକାର, ଜନ୍ତୁରାଜ ତଥାସ୍ତୁ କହି ଚାଲିଗଲେ। ସାବିତ୍ରୀ ତଥାପି ପଛରେ ଚାଲିଲେ। ଏହା ଦେଖି ଜନ୍ତୁରାଜ କହିଲେ ହେ କନ୍ୟା, ସତ୍ୟବାନର ପ୍ରାଣଛଡା ଅନ୍ୟଏକ ବର ମାନ, ସାବିତ୍ରୀ କହିଲେ ସତ୍ୟବାନପରି ମୋର ଶତପୁତ୍ର ହେଉ, ମୋତେ ଏହି ଆଜ୍ଞାକର। ଯମରାଜ ସାବିତ୍ରୀଙ୍କ ଭକ୍ତିଦେଖି ଭୋଳ ମାନସରେ ତଥାସ୍ତୁ କହି

ସାବିତ୍ରୀଙ୍କୁ ଫେରିଯିବାକୁ କହିଲେ, ତହୁଁ ସାବିତ୍ରୀ କହିଲେ ହେ ଦେବ। ଆପଣଙ୍କ କଥା ତ ଆନ ନୁହଇଁ; ଆପଣ ଯେଉଁ ବର ଦେଲେ ତାହା କିପରି ଫଳିବ? ସତ୍ୟବାନଙ୍କୁ ତୁମ୍ଭେ ଘେନିଯାଉଅଛ। ମୋର ଶତପୁତ୍ର କିପରି ହେବ? ଏହା ଶୁଣି ଜନ୍ତୁପତି ସ୍ଥିର ହୋଇଗଲେ ଓ ପରେ କହିଲେ, ହେ ସାବିତ୍ରୀ ତୁମେ ଧନ୍ୟ, ଧନ୍ୟ ତୁମ ସତୀପଣ, ତୁମ୍ଭେ ତିନିକୂଳ ଉଦ୍ଧାର କଲ, ମୋତେ ମଧ୍ୟ ବିନୟ ଗୁଣରେ ପରାଜିତ କଲ। ଏକଥା

VISIT US ONLINE
www.aahwaan.com
We also Offer Web Development Services

ତୋହର ବିଖ୍ୟାତ ହେବ। ଯୁଗଯୁଗାନ୍ତରେ ତୋର ନାମ ବିଖ୍ୟାତ ହେବ। ଜ୍ୟେଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା ଦିନ ତୋର ନାମ ସ୍ମରଣ କରି ଯେଉଁ ନାରୀ ସୁଚିତ ମନରେ ସାବିତ୍ରୀ ବ୍ରତ କରିବ, ସେହି ନାରୀ ଜନ୍ମେ ଜନ୍ମେ ସଧବା ଓ ପତି ପରାୟଣା ହୋଇ ପୁତ୍ରବତୀ ଓ ଧନବତୀ ହେବ। ଅନ୍ତିମକାଳରେ ବୈକୁଣ୍ଠ ପ୍ରାପ୍ତି ହେବ। ଏହା କହି ସତ୍ୟବାନଙ୍କୁ ଛାଡିଦେଲେ। ସାବିତ୍ରୀ ସତ୍ୟବାନଙ୍କ ପ୍ରାଣଧରି ଯେଉଁସ୍ଥାନରେ ସତ୍ୟବାନ ପଡିଅଛନ୍ତି, ସେହି ସ୍ଥାନରେ ପ୍ରବେଶ ହେଲେ। ସାବିତ୍ରୀଙ୍କ ହସ୍ତରୁ ଜୀବ ଯାଇ ସତ୍ୟବାନଙ୍କ ପିଞ୍ଜରେ ପ୍ରବେଶ ହେଲେ, ସତ୍ୟବାନ ନିଦ୍ରାଗତ ପରି ଉଠି କହିଲେ ଆଗୋ ପ୍ରିୟେ କେତେ ରାତ୍ର ହୋଇଗଲା ମୋତେ ଉଠାଇଲ ନାହିଁ। ପିତାମାତା ବଡ ଦୁଃଖରେ ଥିବେ। ଏହାଶୁଣି ସାବିତ୍ରୀ କହିଲେ ଶୋଇଥିବା ଲୋକର ନିଦ୍ରା ଭାଙ୍ଗନ୍ତି ନାହିଁ। ଆଜି ରାତ୍ର ଏହି ବୃକ୍ଷମୂଳରେ ରହିବା, ସକାଳ ହେଲେ ଗୃହକୁ ଯିବ। ସତ୍ୟବାନ ସାବିତ୍ରୀଙ୍କଠାରୁ ଏପରି ବଚନ ଶୁଣି ରାତ୍ରକ ସେଠାରେ ରହିଗଲେ। ସତ୍ୟବାନ କହୁଛନ୍ତି, ଆଗୋ ପ୍ରିୟେ ଆଜି ରାତ୍ର ମୁଁ ଗୋଟିଏ ସ୍ୱପ୍ନ ଦେଖିଲି। ଯମରାଜ ଆସି ମୋତେ ବାନ୍ଧି ଘେନି ଯାଉଥିଲା। ତୁ ପଛରେ ଗୋଡାଇଥିଲୁ। ବହୁତ ବିନିମୟରୁ ତୁ ମୋର ଜୀବନ ଆଣିଲୁ। ଏହିପରି ବହୁତ ସ୍ୱପ୍ନ ଦେଖିଲି, ସାବିତ୍ରୀ କହିଲେ ନିଶ୍ଚୟ ହୋଇଥିବ। ଏମନ୍ତ ସମୟରେ ସତ୍ୟବାନଙ୍କ ପିତାମାତା ଅତି ବ୍ୟାକୁଳ ହୋଇ ଏତେ ରାତ୍ର ହେଲା ସତ୍ୟବାନ କାହିଁକି ଆସିଲା ନାହିଁ, ସାଙ୍ଗରେ ବଧୂକୁ ନେଇଛି, ବନରେ କି ବିପତ୍ତି ପଡିଲା, ମୋର ଚକ୍ଷୁକୁ ତ ଦିଶୁ ନାହିଁ। ମୁଁ କେଉଁ ଆଡେ ଯିବି ଏହା ଭାବି ଶୋକ କରନ୍ତେ, ନିକଟସ୍ଥ ଋଷିମାନେ କହିଲେ ହେ ରାଜା କାହିଁକି ଶୋକ କରୁଛ? ତୋର ସକଳ ମଙ୍ଗଳ ହେବ। ଆମ୍ଭମାନଙ୍କୁ ସେହିପରି ଦୃଶ୍ୟ ହେଉଛି। ଋଷିମାନଙ୍କର ଏହିପରି ବଚନ ଶୁଣି ସେମାନେ ସ୍ଥିର ହେଲ। ପରଦିନ ସତ୍ୟବାନ ଓ ସାବିତ୍ରୀ ଘରକୁ ଆସିଲେ, ମୁନିମାନେ ଓ ପିତାମାତା ଦେଖି ଆନନ୍ଦେ ପଚାରିଲେ, କାଲି ରାତି କେଉଁଠାରେ ଥିଲ? ତହୁଁ ସାବିତ୍ରୀ ସକଳ କଥା କହିଲେ। ସାଧୁମାନେ ଏପରି କଥା ଶୁଣି କହିଲେ ଧନ୍ୟ ରାଜଜେମା, ତୋର ପିତାମାତା ଧନ୍ୟ, ମୃତ ପତି ଜିଆଁଇଲୁ। ପିତାର ଅପୁତ୍ରିକ କୂଳ ରକ୍ଷାକଲୁ। ଶ୍ୱଶୁରକୁ ରାଜ୍ୟ ଓ ଚକ୍ଷୁଦାନ ଦେଲୁ। ଯେଉଁ ନାରୀ ଶୁଦ୍ଧ ମନରେ ଏ ବ୍ରତ କରିବେ ତାହାର ମଙ୍ଗଳ ହେବ। ଏପରି କେତେଦିନ ଗଲାଉତ୍ତାରୁ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ପ୍ରବେଶ ହେଲା। ସାବିତ୍ରୀ ଲକ୍ଷ୍ମୀନାରାୟଣ ବ୍ରତ କରିବାକୁ ପ୍ରାତଃକାଳୁ ଉଠି ସ୍ନାନ କଲେ, ଘର ଲିପାପୋଛା କଲେ, ପାଟପତନୀ ପିନ୍ଧିଲେ। ମୁଗ ବତୁରାଇଲେ, ତାଳ, ନଡିଆ, ଖଜୁରୀକୋଳି, ପଣସ, ଆମ୍ବ, ଆଖୁ, କଦଳୀ, କାଚ, ଅଳତାପତ୍ର, କଳାମାଳି, ନୂଆଁଲୁଗା ସର୍ବ ଆୟୋଜନ କଲେ। ଲକ୍ଷ୍ମୀନାରାୟଣ ସ୍ଥାପିଲେ। ଘିଅଦୀପ ଜାଳି, ନିସଙ୍ଖୁଡି ଦ୍ରବ୍ୟମାନ ବାଡିଲେ। ଲକ୍ଷ୍ମୀନାରାୟଣଙ୍କୁ ସ୍ମରଣ କରି ନୈବେଦ୍ୟ କରାଇଲେ। ପୂଜା ଶେଷରେ ପ୍ରସାଦ ବାଣ୍ଟିଲେ। ଶାଶୁଶ୍ୱଶୁର ଓ ଗେରସ୍ତଙ୍କୁ ଓଳଗିଲେ। ସେହି ଦିନଠାରୁ ସାବିତ୍ରୀ ବ୍ରତ ବିଖ୍ୟାତ ହେଲା।

VISIT US ONLINE
www.aahwaan.com
We also Offer Web Development Services

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା
ମଇ-ଜୁନ୍, ୨୦୦୮
Vol: 03, Issue: 03
May-June, 2008

ସାମ୍ରାଜ୍ୟ ପାଇ ସମସ୍ତେ ସୁଖରେ ରହିଲେ। ସାବିତ୍ରୀଙ୍କ ପତି ସତ୍ୟବାନ ରାଜାହେଲେ। ସାବିତ୍ରୀଙ୍କ ଶହେ କୁମର ହେଲେ। ଅତି ସୁଖେ ପୁତ୍ରକୁ ରାଜାକରି ଅନ୍ତେ ସ୍ୱର୍ଗପୁର ଗଲେ। ଯେଉଁ ସ୍ତ୍ରୀମାନେ ଶୁଦ୍ଧିମତିରେ ସାବିତ୍ରୀ ବ୍ରତ କରନ୍ତି ସେମାନେ ଏହିପରି ଫଳ ଲାଭ କରନ୍ତି। ଏହି ସାବିତ୍ରୀ ବ୍ରତକଥା ମନଦେଇ ଯେଉଁ ନାରୀ ଶୁଣଇ ତା'ର ସର୍ବଶୁଭ ହୋଇ ମନୋବାଞ୍ଛା ପୂର୍ଣ୍ଣ ହୁଅଇ। ଯୁଧିଷ୍ଠିର ନୃପତିଙ୍କୁ ଶ୍ରୀକୃଷ୍ଣ ସାବିତ୍ରୀ ବ୍ରତ କଥା କହିବାରୁ ଧର୍ମସୁତ ଯୁଧିଷ୍ଠିର ଆନନ୍ଦିତ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ। ଏହି ସାବିତ୍ରୀ ବ୍ରତ ସ୍ତ୍ରୀ ମାନଙ୍କର ଏକାନ୍ତ କର୍ତ୍ତବ୍ୟ।

ଏହି ଇ-ପତ୍ରିକାର ପ୍ରକାଶକ ହେଉଛନ୍ତି ଆହ୍ୱାନ ଇନ୍‌ଫୋଟେକ୍। ଆହ୍ୱାନ ଗ୍ରୁପ୍ ଆନୁକୂଲ୍ୟରେ ପ୍ରକାଶିତେ ଏହି ପତ୍ରିକା ସାବିତ୍ରୀ ବ୍ରତ କଥା, ଆପଣ ମାନଙ୍କୁ ଯଦି ସାହାଯ୍ୟ ହୋଇଥାଏ ତେବେ ଆଜି ହିଁ ଏହି ପତ୍ରିକାର ଉନ୍ନତି ପାଇଁ ଦାନ କରନ୍ତୁ। ଧନ୍ୟବାଦ

ଡ ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର,
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଆହ୍ୱାନ ଇନ୍‌ଫୋଟେକ୍

Donate if you find this article nice and useful, so that we can make more such useful articles in future made available for free to you all. Thank You
Visit: http://www.aahwaan.com today...

Cell: 99385 17505/98619 62160

aahwaan
WebDesign
Studios

Complete Web Solution Provider

Web Design
Web Hosting
Web Development
Web Maintainance

Visit our Recently Completed Project:
http://www.modelcollege.co.in

Aahwaan Infotech
c/o: Dr Jyoti Prasad Pattnaik, MBBS, DMCH
Beema Nagar, Ambapua Main Road
Berhampur, 760010, Orissa

Phone: +91-680-3296532
Mobile:+91-0-9938517505 / 9861962160
e-Mail: aahwaan@aahwaan.com
WebSite: http://www.aahwaan.com

VISIT US ONLINE
www.aahwaan.com
We also Offer Web Development Services